ଗାଇଦୀପ

[illegible] ତିଆରୀ

Digitized by srujanika@gmail.com

ମାଟିଦୀପ

କୃଷ୍ଣଚନ୍ଦ୍ର ତ୍ରିପାଠୀ

Digitized by srujanika@gmail.com

ପ୍ରକାଶକ—
କବି-କୁଟୀର
ଶ୍ୟାମପୁର—ଦାଣପୁର
ପୁରୀ

ମୂଲ୍ୟ—ଏକଟଙ୍କା!

ମୁଦ୍ରକ—
ପ୍ରଦୀପ୍ତ କିଶୋର ଦାସ
କୃଷକ ପ୍ରେସ,
କଟକ—୧

Digitized by srujanika@gmail.com

ଉତ୍ସର୍ଗ

ମୋ ଦେଶର ଶ୍ରେଷ୍ଠ ଜନନାୟକ
ଏ ଯୁଗର ଓଡ଼ିଆ ଜାତୀୟସ୍ୱାଧୀନତା—
ପ୍ରାଣ-ପ୍ରତିଷ୍ଠାତାଙ୍କ
ନବ-ଉତ୍କଳର ନିର୍ମାତା,
ମୋ ଦରିଦ୍ର ଭବ ଜୀବନର
ପରମ ହିତୈଷୀ
ଡକ୍ଟର ହରେକୃଷ୍ଣ ମହତାବଙ୍କ
ଅମୃତହସ୍ତରେ ମୋର ମାଟିଦୀପ ଅର୍ପଣ କରି
ନିଜକୁ ଧନ୍ୟ ମନେ କରୁଛି ।

କୃଷ୍ଣଚନ୍ଦ୍ର ତ୍ରିପାଠୀ
ବାଣପୁର
ତା ୧୦।୪।୫୨

Digitized by srujanika@gmail.com

କିଏ-କଣ କହୁଛନ୍ତି—

ଉତ୍କଳର ସ୍ମରଣ କବି ପଣ୍ଡିତ ଗୋଦାବରୀଶ କହୁଛନ୍ତି—ଆଜି ତାଙ୍କଠାରେ ତୁମର ଦୁଇଖଣ୍ଡି କବିତା ପୁସ୍ତକ 'ଆହୁତି' ଓ 'ଅଗ୍ନିଶଙ୍ଖ' ପାଇଲି । ମୁଁ ପୁରା ପଢ଼ି ପାରିନାହିଁ । ମାତ୍ର ଉଭୟ ପୁସ୍ତକରୁ ଯେତିକି ପଢ଼ିଛି ସେଥିରୁ କହିପାରେ ଯେ ଲେଖା ଉଚ୍ଚକୋଟୀର ହୋଇଛି— ପ୍ରତ୍ୟେକ କବିତାରେ କବିତ୍ୱ ଫୁଟି ଉଠିଛି......ଭୁବନେଶ୍ୱର ୨୯। ୩। ୫୭

କଟକର ମାଷ୍ଟର ମାଧବ ମାନସିଂ କହୁଛନ୍ତି—ଆହୁତିର କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଉତ୍କଳ ସାହିତ୍ୟରେ ସୁପରିଚିତ କବି......ତାଙ୍କର ନୀରବ ସାରସ୍ୱତ ସାଧନା ପ୍ରକୃତରେ ପ୍ରଶଂସନୀୟ......ଆହୁତିର ପ୍ରତ୍ୟେକଟି କବିତା ତାଙ୍କ ଜୀବନରସରେ ଜର୍ଜର । ପ୍ରତ୍ୟେକ କବିତାରେ ଇତିହାସ ଜୀବନ୍ତ ହୋଇ ଉଠିଛି, କିମ୍ବଦନ୍ତୀ ଜାଗିଉଠିଛି ରକ୍ତମାଂସ ଦେହଧରି । କବିତାଗୁଡ଼ିକ ପଢ଼ିଲେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଆହୁତି ଜଳି ଉଠିବ । କଟକରେ ପ୍ରକାଶିତ ଏହି ଧରଣର ଅନେକ କବିତା ଆମେ ପାଠ କରିଅଛୁ —କିନ୍ତୁ ସେ ସମସ୍ତ ମଧ୍ୟରେ ଏହି ତ୍ରିପାଠୀଙ୍କର ସୃଷ୍ଟି ଗୁଡ଼ିକହିଁ ପ୍ରକୃତ କବିତାର ମର୍ଯ୍ୟାଦା ଭୋଗୀ । ଏ କବିତାଗୁଡ଼ିକ ଓଡ଼ିଶାର ପ୍ରତ୍ୟେକ ସ୍କୁଲରେ ପଢ଼ାହେବା ଉଚିତ ।

ଅଧ୍ୟାପକ ଚନ୍ଦ୍ରାମଣି ବେହେରା କହୁଛନ୍ତି—ଆପଣଙ୍କ ଅଗ୍ନିଶଂଖ ଯଥା ସମୟରେ ପାଇଛି । ବହିଟି ପଢ଼ିଲି; ମୁଗ୍ଧ ହେଲି ମଧ୍ୟ—ଆପଣଙ୍କ ବ୍ୟକ୍ତିତ୍ୱର ବଳିଷ୍ଠ ବିକାଶ ଏଥିରେ ପରିସ୍ଫୁଟ । କାବ୍ୟିକ କଣ୍ଠସ୍ୱର ଅଧିକ ମାନବ ଧର୍ମୀ ଓ ପ୍ରଗତିଶୀଳ ମଧ୍ୟ.........ସମ୍ବଲପୁର ୧୨। ୪। ୫୭

ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ କହୁଛନ୍ତି—କୃଷ୍ଣ ! ଖୋର୍ଦ୍ଧାର ସେହି ପାଇକ ରକ୍ତ ଚନ୍ଦ୍ରାସ୍ରୋତ ତୁମ ଧମନୀରେ ପ୍ରବାହିତ ହେଉଛି—ଅନୁଭବ କଲି ତୁମ 'ଆହୁତି' ପଢ଼ି । ବହିଟି ଭଲ ହୋଇଛି । କେତେ କାଳ ପାଇଁ କେତେ ପାଠକଙ୍କୁ ମୁଗ୍ଧ କରିବ.........

Digitized by srujanika@gmail.com

ସବୁ ଗରଳରୁ ମଣିଷ ଗରଳ

ଅତି ଉତ୍କଟତର !!

—କୃଷ୍ଣଚନ୍ଦ୍ର ତ୍ରିପାଠୀ

Digitized by srujanika@gmail.com

ଜୀବନ ଯେଉଁଠି ଜୀବନ ସ୍ୱଚ୍ଛେ

କାହିଁ ସେ ସ୍ୱଇଜ କାହିଁ ସେ ଭୂଇଁ ? ଜୀବନ ଯେଉଁଠି ଜୀବନ ସ୍ୱଚ୍ଛେ ?
ଝଲମଲ ସିଏ ଦେଉଚ କାହିଁ ପ୍ରକୃତି ଆକାଶେ ରଙ୍ଗ ପ୍ରାଚ୍ୟେ
କେତେ ଦୂର ଗଲେ ପାଇବ ତାରେ କଭଳି ସ୍ୱଳିବ ସେ କେଉଁ ପଥେ
ଗଭୀର ପିପାସା ବକ୍ଷତଳେ ଆକୁଳ ଅଥୟ କରଇ ମତେ !

ସେ ଭୂଇଁର ବନ ପାହାଡ଼ ପଂଥ ଆକାଶ ବତାସ ସମସ୍ତରେ,
ପୂର୍ଣ୍ଣ ପ୍ରାଣର ସ୍ୱର୍ଣ୍ଣ ଆଭା ଲୀଳା କରୁଥିବ ନିରନ୍ତରେ
ହାକିମ ହୁକୁମ୍ ନଥିବ ତର୍ଜ୍ଜି ନଥିବ ଶୋଷଣ ନିଷ୍ପେଷଣ
କଳିବଳେ କିଏ ଉଷ୍ମ ଲୁହ କରୁତ ନଥିବ ସମ୍ବରଣ ।

ଲାଞ୍ଛିତ କିଏ ବୁଭୁକ୍ଷାର ଜାଳା ବୃକ୍ଷତଳେ ଚାପି ନଥିବ ରହି
ମାଟି ସ୍ୱଳଆରେ ସୌଧ କାର ସ୍ୱର୍ଗ ତ ନଥିବ ଘୃଣା ବହି ।
କ୍ଷମତା ଓ ଧନ ଗାଦିରେ ବସି ଆହୁରି କ୍ଷମତା ଆହୁରି ଧନ—
ପାଇବାକୁ ସାରା ଜୀବନ ଧରି କରୁ ନଥିବ କେ ଅନ୍ୱେଷଣ !

Digitized by srujanika@gmail.com

କାହିଁ ସେ ଗଉଳ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଖୁନ୍ଦେ ?
ହାଣ ମାର ପିଟ୍ ଦ୍ୱନ୍ଦ୍ୱ ଭେଦ ଲଗେ ଯହିଁ ଜଡ ସ୍ୱପ୍ନ ପ୍ରାସ୍ୱେ ।
ସେନେହ ସେନେହ ସେନେହ ଖାଲି ସବୁଜ ବୃକ୍ଷରୁ ପଲ୍ଲବ ଝରେ
ହସୁଚି ସେ ଭୂଇଁ ଚଉଦିଗ ପୁଲକେ ଗାଇର ଜୋଛନା ପରେ ।

ବୋହଲେ ନୟନୁ ଟୋପିଏ ଲୁହ, ବୁକୁତଳେ କାର ଲାଗିଲେ ବ୍ୟଥା
ଆଶ୍ୱାସନାର ପୀୟୂଷ ଢାଳି ଲକ୍ଷ ଓଠ କହଇ କଥା ।
କାହିଁ ସେ ଗଉଳ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଖୁନ୍ଦେ
ପଡ଼ିଗଲେ ଯହିଁ ଟେକିବା ପାଇଁ ଲକ୍ଷ ହାତ ସବୁରେ ଯାଏ !

ଯୁଦ୍ଧ ଯେଉଁଠି ହଠଇ ଟେରିଁ କି ଅବା ବିଜୁଳି ପରଶ ଲଭି
ପ୍ରତି ଅନ୍ତର ସ୍ପନ୍ଦିତ ଯହିଁ କଲ୍ୟାଣେକର କନକ ଛବି ।
ଜଟିଳ କୁଟିଳ ବସୁନ୍ଧରା ଖୋଜି ମୁଁ ତାହା ପାଏ କେ ପାଏ
କାହିଁ ସେ ଗଉଳ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଖୁନ୍ଦେ ?

Digitized by srujanika@gmail.com

ବହୁଦୂରେ

ଧରାର ମଣିଷ ରହିଅଛୁ ରୁଦ୍ଧ ଜୀବନର ବହୁଦୂରେ
ପ୍ରାଣ ବିମୋହନ ଗନ୍ଧ ଯେଉଁଠୁ ଅବାରିତ ହୋଇ ଝୁରେ
ତୋହର ଶକ୍ତି ତୋହର ସାଧନା ।
ଛାଡ଼େ ଧରଣୀରେ ଅସୀମ ବେଦନା
ବୁଝି ତୁ ପାରୁନୁ ବୁଝି ତୁ ପାରୁନୁ
ପବନ ଚନ୍ଦ ପଣ ତୋର ମଥା
ସେ କେଉଁ ମୂଲକେ ଘୂରେ
ଧରାର ମଣିଷ ରହିଅଛୁ ରୁଦ୍ଧ ଜୀବନର ବହୁଦୂରେ !

ଡାକିଲେ ତୋତେ ତ ଶୁଭୁନାହିଁ ଡାକ କି ନିଶା ପିଇଚୁ କହ ?
ଚହଟରେ ଖାଲି ଯୁଝୁଅଛୁ ମରୁ ଭୀଷଣ ଦୁର୍ବିସହ !,
ପ୍ରାଣଭରା ହସ ନାହିଁ ତୋ ଅଧରେ
ଅମୃତ ନାହିଁ ତୋ' କଥା ପଦରେ
ଯନ୍ତ୍ରର ଓ ଅହମିକା ଧରି
ଫାଟି ପଡ଼ୁଅଛୁ କହ କିପାଇଁ ?
ଅହରହ ଅହରହ
ଚହଟରେ ଖାଲି ଯୁଝୁଅଛୁ ମରୁ ଭୀଷଣ ଦୁର୍ବିସହ !

ହେମନ୍ତ ହର୍ମ୍ୟର କୋଳେ ସେ' ଯେ କେଉଁ ଧୂଳି ତଳରେ ଶୋଇ
କି ମଧୁ ସ୍ୱପ୍ନ ଦେଖୁଅଛୁ ରୁଦ୍ଧ ପାଷାଣୁ କଠିନ ହୋଇ
ମଣିଷ ରକତ ଏତେ କରେ ମିଠା
ପିଇ ପିଇ ତୋର ସ୍ୱନ ନାହିଁ ଚିନ୍ତା !
କରୁଚୁ ତନ୍ଦ୍ରା ପିଇବୁ ଅଦ୍ଭୁତ
ଯେତେଦୂର ପାରୁ ଏ ମାଟି ଉପରେ
ଅତି ନିର୍ମମ ହୋଇ
ହେମନ୍ତ ହର୍ମ୍ୟର କୋଳେ ସେ ଯେ କେଉଁ ଧୂଳି ତଳରେ ଶୋଇ !

Digitized by srujanika@gmail.com

ଆଖିଫେଇ ଚାହାଁ ଅଶ୍ରୁବ ଭିତରେ ସଜୁଳ ହୋଇ ଗାଲ
କାନ୍ଦୁଚ ଏଇ ଜୀର୍ଣ୍ଣ କୁଟୀରେ କାହାର ବଧବା ନାରୀ
ଶିଶୁଟିଏ କାର ଗଣିହୁଏ ହାଡ଼
କେତେଦିନ ଅବା ଆମୁଷ ଚାହାଁର
ପଡ଼ଶା ଘରର କୁଳବୋହୂ, ଚାହାଁ
ପେଟକୁ ମୁଠିଏ ନପାଇ କଉଳ
ସହରେ ସାଜିଛୁ ଦାସୀ
ଆଖି ଫେଇ ଚାହାଁ ଅଶ୍ରୁବ ଭିତରେ ସଜୁଳ ହୋଇ ଗାଲ ।

ଆହୁର ତୁ ଚାହାଁ ବେକାର ରହ କେ' ତରୁଣ ଯୁବକ ଜଣେ
ଗଲେ ରସି ଦେଇ ଆଖିବୁଜିଅଛୁ ଜୀର୍ଣ୍ଣ କୁଟୀର କଣେ
କାହା ପିଲ୍ ଝିଲ୍ ଶୋକ ଉପବାସ—
ସହି ନ ପାରି କେ' ଯାଇ ପରବାସ
ଫେରି ନାହିଁ ଆଉ ଫେରିନାହିଁ ଆଉ
କାନ୍ଦୁଚି ତା'ର ତରୁଣୀ ଘରଣୀ
ପ୍ରତିଦିନ ପ୍ରତିକ୍ଷଣେ !
ଆହୁର ତୁ ଚାହାଁ ବେକାର ରହିକେ ତରୁଣ ଯୁବକ ଜଣେ !

ଦଳ ଦଳ ଦଳ ସର୍ବହରା ଯେ ପଥେ ଘାଟେ ଚାହାଁ ଚାହାଁ
ଦୁନିଆରେ ନାହିଁ ତାଙ୍କର କଏ କରିଦେବା ପାଇଁ ଆହା !
କେଉଁ ଗଛ ତଳେ ହୋଟେଲ ଦୁଆରେ
ପଡ଼ିଅଛନ୍ତି ସାଜ ନାରଖାରେ
ମଲେ ସେ ମରିବେ ଜୀଇଲେ ଜୀଇବେ
ଜଗସ୍ତ୍ରସ୍ୱର ଚରଦିନ ଧରି
କେହି ହୁଏନାହିଁ ସାହା !
ଦଳ ଦଳ ଦଳ ସର୍ବହରାଂଯେ ପଥେ ଘାଟେ ଚାହାଁ ଚାହାଁ ।

Digitized by srujanika@gmail.com

ଝଣ୍ଟୁନାଇଁ ତଟେ ବୁଲନ୍ତି କେତେ ତରୁଣ ବାଳକ ଦଳ
ବୁକୁତଳେ ନାଇଁ ଉନ୍ମାଦନା କି ଦେହେ ନାଇଁ ତେଜବଳ !
ମୁଖମଣ୍ଡଳେ ଲାବଣ୍ୟ ନାଇଁ !
ସ୍କନ୍ଧେ କାହିଁ ତ ହୁଏ ନାଇଁ ସ୍ନିଗ୍ଧ !
କାହାକୁ ନେଇ ଏ ପୃଥିବୀ ହସିବ ?
ଉଜ୍ଜ୍ୱଳ କରି ଗଢ଼ିବ ତାହାର
ଭବିଷ୍ୟତର ଘର
ଝଣ୍ଟୁନାଇଁ ତଟେ ବୁଲନ୍ତି କେତେ ତରୁଣ ବାଳକ ଦଳ !

ମୂର୍ତ୍ତି ଉପରେ ମୂର୍ତ୍ତି ତୋହର ଲାଗିଛୁ ବଢ଼ାଇବାରେ
ଦେଖିଲୁ ଲକ୍ଷ ଜୀବନ ଝଉଳି ନିଷ୍ପ୍ରମାଣ ଅନାହାରେ ?
ଲକ୍ଷ ଜୀବନ ନୀରବ ବୋବାଳି
ତଟେ କରେ ଉଏ ଅମୃତ ଢାଳି ?
ବକ୍ଷରୁ ରକ୍ତ ଝଉଳି କହୁଛି
ମଣିଷ ବୁକୁର ପୂର୍ଣ୍ଣ ରକତ
ପଡ଼ିଛି କି ତୋହଠାରେ !
ମୂର୍ତ୍ତି ଉପରେ ମୂର୍ତ୍ତି ତୋହର ଲାଗିଛୁ ବଢ଼ାଇବାରେ !

କୋଟି ବୁକୁତଳ ହସି ଉଠିଲେରେ ଫୁଟିବ ତୋର ଯେ ହସ
ସେ କି ନୁହେଁ ତୋର କୋଟିନିଧି ପରି ଜୀବନର ମଧୁରସ ?
ତାକୁ ଗ୍ରନ୍ଥଦେଇ ସାଜ ସଏତାନ
ଗାଉଛୁ ତୁ ଖାଲି ନରକର ଗାନ
ନିଜ ହାତେ ତୁହି ନିଜକୁ ହସାଇ
ଜାଣିହୁଏ ନାଇଁ ପାଉଛୁ କି ଅବା
ପ୍ରାଣେଭରା ପରିତୋଷ
କୋଟି ବୁକୁତଳ ହସି ଉଠିଲେରେ ଫୁଟିବ ତୋର ଯେ ହସ !

Digitized by srujanika@gmail.com

ଅସୀମ ଅଖିରୁ ଲୁହ ପୋଛୁଦେଇ ବକ୍ଷେ ନେଏରେ ଭଣ୍ଡ !
ଅସୀମ ଶୁଷ୍କ ମଳିନ ବଦନେ ଫୁଟାରେ ପ୍ରାଣର ଶିଷ
ତୋହର ଧଵର ଭୋର ଏ ମଣିଷ
କାହିଁକ କାହିଁକ ହେଉଚୁ ତୁ ବଷ ?
ସବୁର ମାଂସ ହାଡ ତଳେ ଉଳେ
ଗୋଲ ହୋଇ ଯାଆ, ସ୍ୱର୍ଗର ସୁଧା-
ପଡ଼ିବ ତୋ ପାଖେ ଛୁଣ୍ଡ଼
ଅସୀମ ଆଖିରୁ ଲୁହ ପୋଛୁଦେଇ ବକ୍ଷେ ନେଏରେ ଭଣ୍ଡ଼ !

ସର୍ବହରା

— ୧ —

ସେ'ଯେ   ସର୍ବହରା ସେ'ଯେ ସର୍ବହରା ।
ତାରେ   ପଶ୍ଚରେ ନାହିଁ ଏଇ ନିଖିଳ ଧରା !
ତାର   ଦୁର୍ବହ ଦୁର୍ଦ୍ଦଶା ବେଦନା ଧର
ସେତ   ସ୍ଖଳିତ ନିତ ସେତ ସ୍ଖଳିତ ନିତ
ତାରେ   ପାଏନା କେହି ଭଲ ହୃଦୟ ଭରା !
ତା'ରେ   ବୁଝେନା କେହି ତା'ରେ ଜାଣେନା କେହି
କେହି   ଘୂରାଏ ନାହିଁ ମଥା ତାହାକୁ ନେଇ
ସେଯେ   ସର୍ବହରା ସେଯେ ସର୍ବହରା
ତାର   ଜୀବନ ଖାଲି ବ୍ୟଥା ବେଦନା ଭରା !!

— ୨ —

ଫୁଲ,   ଫୁଟିଲେ ଅବା ତା'ର କି ଆସେ ଯାଏ ?
ସେ'ବା,   କି ଶିଶ୍ୱ ପାଏ ସ୍ନେହ ଚଇତ ବାଏ ?
ଆସୁ   ସଞ୍ଜ ଧରି ତାର ମୋହନ ମାୟା
ଆସୁ   ସକାଳ ଯେନି ତାର ପାଟଳ ଛାୟା !
ଜଳ-   କଣ୍ଠ ତୋଳି ଗାଉ ବହତ ଗୀତ
ଜାଗୁ   କନକ ଶିଶ୍ୱ ଏଇ ମାଟିରେ ନିତ,
ତାର   ବକ୍ଷତଳ ନାହିଁ ଉଲ୍ଲସି ଉଠେ
ସେ'ତ   ପାଏନି କାହିଁ ହେଲେ ଖାଇବ ମୁଠେ !
ସେ'ଯେ   ସର୍ବହରା ସେ'ଯେ ସର୍ବହରା !
ତାର   ଜୀବନ ଖାଲି ବ୍ୟଥା ବେଦନା ଭରା !

Digitized by srujanika@gmail.com

—୩—

ତୁମ ଦୁଆରେ ଯେବେ ପାଦ ପକାଏ ଯାଇ
ମାଗେ ମୁଠିଏ ହେଲେ କେତେ କରୁଣେ ଗୁହାଁ !
ତୁମ ଚିତ୍ତ ଟଳେ ନାହିଁ ଟିକ୍ୟା ଛୁଏଁ
ଝାଳ ଘଷିଡ଼ ଦେବା ପାଇଁ ଇଚ୍ଛା ହୁଏ
ତୁମେ ଘଉଡ଼ି ଦେଲେ ସେହୁ ଦୂରେଇ ଯାଏ
ତାର ଲୋଚନ୍ ଝୋପେ ଲୁହ ଗଡ଼େଇ ଯାଏ !
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

—୪—

ଏଇ ମାଟିରେ ଜନେହେଲେ ମଣିଷ ପରା
ସେ'ତ ସୃଜନ ଓଠେ ହସ ଟିକିଏ ଭରା !
ତା'ର ମନର କେଉଁ ଦୂର ଗୋପନ ପୁରେ
କେତେ ଆଘାତ ବାଜିଉଠେ କରୁଣ ସୁରେ !
ସେ'ତ କହୁନ କାରେ ସେ'ତ କହେନ କା'ରେ
ସବୁ କହିବା ପାଇଁ ତାର କେ'ଅଛୁ ହା'ରେ !!
କିଏ ଶୁଣିବ ତାକୁ ଅବା ହୃଦୟ ଭରା
କିଏ ଦେଖିବଁ କାନ୍ଦି ଅବା ଗୁଳେ ତା' ଚଷା
ସେ'ତ ସର୍ବହରା ସେ'ତ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନାଭରା !

—୫—

ତା'ର ଶୁଷ୍କ ବଦନ ତା'ର ଶୁଷ୍କ ମନ !
ତା'ର ଶିକ୍ଷା ନାହିଁ ତା'ର ଦୀକ୍ଷା ନାହିଁ !
ତା'ର ଲକ୍ଷ୍ୟ ଜାଗେ ନାହିଁ ତୀକ୍ଷ୍ଣତମ !
ତା'ର ହିଂସା ଜାଗେ ନାହିଁ କାହାର ପାଇଁ !

Digitized by srujanika@gmail.com

ତା'ରେ ରହିଛି ଘେରି ଶୋକ ଦୁଃଖ ଜରା
ସବୁ ବାଧାରେ ସେହି ଚିର ବାଧକା ପରା !
ସବୁ ଦଇନ ତା'ର ପୀନ ମଥାରେ ଭରା
ସେତ ଗ୍ଳାନିତ ଭଳେ ଏକ ଜନ୍ମ ପର !
ତା'ର ସ୍ୱର୍ଗ୍ୟ ଗୋଷ୍ଠି ଙ୍କେଁର ଆଣିବା ପାଇଁ
ତା'ର କଂଅଛି ସ୍ୱପ୍ନ ଏଇ ଧରାରେ ହାଇ !
ସେ'ତ ସର୍ବହରା ସେ'ତ ସର୍ବହରା
ତା'ର ଜୀବନ ଖାଲି ବ୍ୟଥା ବେଦନା ଭରା !

—୨—

ସେହି ଆସିଛି କାଟି ଯେତେ ଝଞ୍ଜା ଝଡ଼
ଯେତେ ଝଞ୍ଜା ବହେ ପୁଣି ପ୍ରବଳତର !
ସେହି ଦେଖୁଚି ଯେବେ ଟିକେ ଆଶାର ଛାଇ
ସେତେ ନଅଶା ଧୂଅ ଆସେ ଧୂଦୂରୁ ବହି !
ସେତ ସ୍ୱର୍ଗ ପଡ଼ିଅଛି ବହୁତ ଦୂର
ଯେତେ ଚେଷ୍ଟା କଲେ ସେତ ପାରୁନି ଛୁଠି
ଖାଲି ହାହାକାର ଯାହା ହେଉଚି ସାର
ତା'ର ଭଙ୍ଗା ଦେହ ଆଉ ଭଙ୍ଗା ମନ—
ଧରି ଗ୍ଳାନିତ ଏ ମାଟିରେ ସକଳ କ୍ଷଣ
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

—୩—

ନିତ କାନ୍ଦୁଛନ୍ତି ତା'ର ବକ୍ଷତଳେ
ପ୍ରିତ ରକ୍ତକଣା ସତେ କି କଳିବଳେ !
ନିତ ଛଟ୍‌ପଟେଇ ସେ'କି ଯାଉନି ହୋଇ ?
ଯଥେ ଗ୍ଳାନିର ବେଳେ କୋଟି ବେଦନା ବୋଝ ;

Digitized by srujanika@gmail.com

ବାଣୀ ଜାଗ୍ରତ କରେ ତା'ର ବକ୍ଷତଳେ
ଯତେ କ ସ୍ୱଜନମାନେ ଅଛୁ ଧରଣୀପରେ !
ତାର ବସୁଧା ପରେ ଲଭେ ନାଇଁରେ ଥାନ
ନୁହେଁ ସେ ଲାଗି କରେ ତାର ଆକୁଳ ପ୍ରାଣ !
ତା'ର ବନ୍ଧୁ ନାଇଁ ତା'ର ସୋଦର ନାଇଁ
ସେ'ବା ଭରିବ କସ ? ଖାଲି ରହିଚ ସ୍ୱହିଁ !
ସେତ ସବହ୍ୱର ସେତ ସବହ୍ୱର
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

— ୮ —

ସେ'ତ ଚଲ୍ଲା ଧାରା ନୁହେଁ ଝରର ଖାଲି
ସେ'ତ ତୁମର ଏଇ ମାଟି ଜୀବନ ନାଡ଼ି !
ସେ'ତ ଶିଳ୍ପୀ ତୁଳୀମୁନେ ଚିତ୍ର ନୁହେଁ
ସେ'ତ" ଗୋଟିଏ ଧାରା ତୁମ ଅସୀମ ସୁଏ !
ସେ'ତ ଛିନ୍ନ ନୁହେଁ ସେ'ତ ଭିନ୍ନ ନୁହେଁ
ସେ'ତ ଝପୁଟ ତୁମ ଏଇ ସାଗର ସୁଏ !
ତୁମେ ସ୍ଥଳଚ ଦୂରେ ତୁମ ତରଣୀ ବାହି
ତୁମ ତରଣୀ ପାଖେ ସେ ଯେ ରହିଚ ଚାହିଁ
ସେ'ତ ହଟେଇ ଟ୍ରେଇ ଡୋଲ ଯାଉଚ ବୁଡ଼ି
ତୁମେ ଯାଉଚ କେଉଁ ଦୂର କନକ ପୁରୀ ?
ସେ'ଯେ ସବହ୍ୱର ସେ'ଯେ ସବହ୍ୱର
ତାର ଜୀବନ ଖାଲି ବ୍ୟଥା ବେଦନା ଭରା ?

Digitized by srujanika@gmail.com

କାହାର ଏ ଦୁଇଗୋଟି ପିଲା ?

କାହାରି ଏ ଦୁଇଗୋଟି ପିଲା ଖେଳୁଚନ୍ତି ଏ ସଡ଼କ ପରେ
ଚାହିଁଲି ମୁଁ ଅକସ୍ମାତେ ଯେବେ ଆଖି ମୋର ଭରିଗଲା ଜଳେ,
ଖାଇବାକୁ ଅନ୍ନ ନାହିଁ ମିଳେ ହାଡ ଗଣେ ଗୋଟି ଗୋଟି ଦେହେ
କିଏ ବୁଝେ ସେମାନଙ୍କ ବ୍ୟଥା, ହେପାଜତ କିଏ ଅବା ନିଏ ?

କୋଠା କୁଟି, କାଠ ଆଣି ବଣୁ ମାଆ ପିଲା ଦୁଇରେ ଛଡ଼ାଏ
ଦୁଧ ଟୋପେ ପାଇବେ କେଉଁଠୁ ଘରେ ନାହିଁ କହୁଡ଼ି କଉଡ଼ାଏ,
ପିଲା ଦୁଇ ଝୁଲୁଚନ୍ତି ଏଥି ଦେହେ ନାହିଁ ଜୀବନ ତାଙ୍କର
ଫୁଙ୍କି ଦେଲେ ଉଡ଼ି ଯିବେ ପରି ନାରଖାରେ ଆସିଚନ୍ତି ବଢ଼ି

ଓଠେ ତାଙ୍କ ଫୁଟୁଥାନ୍ତା ହାସ ଖାଇପିଇ ଦଶୁଥାନ୍ତେ ତୋରି
ଯେଣେ ପେଟ ପଡ଼ିଚି ବାହାରି ପାଣ୍ଡୁ ମ୍ଳାନ ଦଶେ ଆଖି ତୋଳା
ଦାରିଦ୍ର୍ୟର ବିକଳାଙ୍ଗ ଛାୟା ପ୍ରେତ ଅଙ୍ଗେ ଉଠେ ନୃତ୍ୟ କରି
ପାଷାଣ ବି ଚାହିଁ ଦେଲେ ଥରେ କରୁଣାରେ ଉଠିବ ତରଳି

ଜନମରୁ ଅନ୍ଧକାର କୋଳେ ଆସିଚନ୍ତି ସ୍ୱନମାନେ ବଢ଼ି
ସେ ଅନ୍ଧାରେ ଝଡ଼ି ଯିବ ଦିନେ ଏଇ ଦେଶ ଜୀବନର କଳି !
ମୋ ମାଟିର ଏ ଦୁଇଟି ପିଲା କେ କହିବ ସ୍ୱର୍ଣ୍ଣଦୀପ ପରି
ନ ଜଳିବେ ଦିନେ ମୋ ମାଟିରେ ଚତୁର୍ଦ୍ଦିଗେ ଆଲୋକ ବିତରି

କେ, କହିବ ବୀଣା ତାର ଏଠୁ ନ ଫୁଟିବ ମୂର୍ଧ କରି ଧରି
କେ ନ ଜାଣେ ! ଏ ମାନଙ୍କଠାରେ କି ସମ୍ପଦ ରହିଥିବ ପରି !
ଦେଶ ମୋର ଚାହିଁ ଭଲ କରି ଆସ ଆଜି ଏମାନଙ୍କ ପାଖେ
ଏମାନଙ୍କ ଅନ୍ତର ବେଦନା ଦୁଃସହ କି ଢଳେ ନାହିଁ ଲାଗେ ?

Digitized by srujanika@gmail.com

ଯାଙ୍କ ଓଠେ ଫୁଟାଅ ହେ ହାସ ପ୍ରାଣେ ଦିଅ ନବତେଜ ବଳ
କଳତାନ ଭରି ଭରି ବକ୍ଷେ ଲୁଟୁ ଯାଙ୍କ ଜୀବନ ନିର୍ଝର
ବିଳାସ ଓ ଐଶ୍ୱର୍ଯ୍ୟ ଭିତରେ କେତେ କାହିଁ ଅର୍ଥ ଖର୍ଚ୍ଚ ହୁଏ
ଏମାନଙ୍କୁ ଲୋକେ ଦେବା ପାଇଁ ପଛଘୁଞ୍ଚା ଦେବା ଠିକୁ ନୁହେଁ;

ଦେଖ ମୋର ଗର୍ବ କର ତମେ ସଭ୍ୟତାର ପତାକା ଉଡ଼ାଇ
ତୁମ ସେଇ ସଭ୍ୟତା ଭିତରେ ଏଇମାନେ ଯାଆନ୍ତି କି ନାହିଁ ?
ଅନାହାରେ ଜୀବନର ଫୁଲ କେତେ ଆହା ମରି ମରି ଯାଏ
ଆଖି ମୋର ଭରି ଆସେ ଜଳେ ଏମାନଙ୍କୁ ଯେବେ ସ୍ମରୁଥାଏ ।

Digitized by srujanika@gmail.com

କର ତାରେ ଆପଣାର !

କରନା ତାହାରେ ଦୂର୍‌ ଦୂର୍‌ ମାର୍‌ ମାର୍‌,
ସେ ଯେ ଧରଣୀର ଗୋଟିଏ ଅଶ୍ରୁଧାର !
କେହି ଜାଣେ ତା'ର ନାହିଁ ଆପଣାର
ବୁଝିବାକୁ ଲବେ ବେଦନାର ସ୍ୱର
ଶତ ବେଦନାର କଷାଘାତେ ତାର
ସ୍ଖଳିଯାଏ ମେରୁଦଣ୍ଡ
କରନା ତାହାରେ ଦୂର୍‌ ଦୂର୍‌ ମାର୍‌ ମାର୍‌ !

ସଭିଏ କାହିଁକି ନିଠୁର ସ୍ୱହାଣୀ ଟାଳ
ନିର୍ମମେ ତା'ରେ ଦେଉଅଛ ଏତେ ଗାଳି !
ସେ'କି ଏ ମାଟିର ନୁହେଁ କୌଳ ସଙ୍ଘାଳ ?
ରହିବାକୁ ସେ କି ନୁହେଁ ଏଥି ଅଧିକାରୀ ?
ଏଇ ପୃଥିବୀରେ ତୁମର ପର ସେ
ରକ୍ତ ମାଉଁସ-ଧାରୀ ।

ରୁଗ୍‌ଣ ପଙ୍ଗୁ ତା' ଦେହର ତଳେ ତଳେ
ମୁଗ୍‌ଧ ମଧୁର ଅନ୍ତରଟିଏ ଜଳେ
କାନ୍ଦି ଉଠଇ ସେଇ ଅନ୍ତର
ନୟନୁ ବୁହାଇ ଲୁହ-ଝରଝର
ମଣିଷଠୁ କଣ ମଣିଷ ଏଭଳି
ଭର୍ତ୍ସନା ଆଶା-କରେ ?
ରୁଗ୍‌ଣ ପଙ୍ଗୁ ତା ଦେହର ତଳେ ତଳେ,
ମୁଗ୍‌ଧ ମଧୁର ଅନ୍ତରଟିଏ ଜଳେ !

Digitized by srujanika@gmail.com

ହେଉ ସେ ଭ୍ରୂଣ ହେଉ ସେ ପଙ୍ଗୁ
ମିଳୁ ତା' ମାଂସ ହାଡ଼
ସେ ମିଳା ମାଈଁସୁ ଝିଅ ପଡ଼ୁ ଯୋକ
କର ତାରେ ନାରଖାର
ଶତ ଦାରିଦ୍ର୍ୟ ଅଭାବ ଭିତରେ
ତରଣୀ ତାହାର ଘୂଲୁ କଲବଲେ
ତଥାପି ତାହାଠି ମଣିଷ ଅଛୁରେ
କର ତାରେ ଆପଣାର !
ହେଉ ସେ ଭ୍ରୂଣ ହେଉ ସେ ପଙ୍ଗୁ
ମିଳୁ ତା' ମାଂସ ହାଡ଼ ।

Digitized by srujanika@gmail.com

ଛତର-ଖାଇ

ଛତର ଖାଇ ଖାଇ ଛତରଖାଇ ତାର ନାଆଁ
ନାଇଁ ତା' ଜାତ ପତ ନାଇଁ ତା' ଜମି ବାଡ଼ି ଗାଆଁ
ଛିଣ୍ଡା କନା ଖାଲି ଗୁଡ଼ାଇ ହୋଇ ଥାଏ ଦେହେ
କହିବାପାଇଁ ଅହ୍ନା ତାହାର ହୋଇ ନାଇଁ କଏ !

କନାର ବୁଜୁଳି ସେ କାଖରେ ଥାଏ ଜଠ ଯାକ
ଭଙ୍ଗା ଟିଣ ଗିନା ହାତରେ ଧରି ଯାଏ ମାଗି ।
କାହାର ପିଣ୍ଡାରେ ଅବା କା' ଗଛତଳେ ଶୁଏ
ଉପାସେ କେବେ ରହେ କାହାଠୁ ମାଗି ଅବା ଖାଏ ।

ମୁଣ୍ଡ ବାଳ ତା'ର ଉଡ଼ୁ ଯେ ଥାଏ ଫୁରୁଫୁରୁ
ଗୋଟିଏ ପ୍ରେତପରି ଦିଶୁ ସେ ଥାଏ ଅବା ଦୂରୁ ?
କେଉଁଠି ନଳା ତଳେ ଅଇଁଠାସ୍ୱତ ଥିଲେ ପଡ଼ି
ଗୋଟାଇ ଖାଉଥାଏ, ତା' ବ୍ୟଥା କଏ ପାରେ ବଳି ?

ନେହୁରା ହୋଇ କାରେ ମାଗଇ ଚରା କନାଟିକେ
ସକାଳୁ ସଞ୍ଜ ଯେ' ବୁଲୁ ସେ ଥାଏ କେତେ ଦିଗେ ।
ଗ୍ରସ୍ତା ଜଡ଼ ଧୂଳି ଛେପ ଓ ଖଙ୍କାରେ କାହିଁ
ଶୋଇ ସେ ପଡ଼ି ଥାଏ, ତାହାର ଗାଁ ଘର ନାହିଁ !

ତା' ଦେହ ଭଣ ଭଣ ଜଇଠ ଗନ୍ଧାଉ ଥାଏ
ସବୁଠୁ ଛୁ ଲୁଚର ଜନ୍ମୃତ ଧରଣୀରେ ପାଏ ।
ଛତର୍ ଖାଇ ଖାଇ ଛତରଖାଇ ତା'ର ନାଆଁ
ନାଇଁ ତା' ଜାତପତ ନାଇଁ ତା' ଜମିବାଡ଼ି ଗାଆଁ ।

Digitized by srujanika@gmail.com

ଭଗିନୀ ବୋଲି ତା'ରେ କଏ ସେ ଡାକନାଇଁ ଥିଲେ
ମାଉସୀ ମାଆ ଡାକ ଶୁଣିନ ଲବେ ଧରଣୀରେ !
କାହାର କଣ୍ଠୁ ସେ ସେନେହ ବୋଳା ମଧୁ ଭାଷା ;
ଶୁଣିନ, ଶୁଣିବାକୁ କର୍ଣ୍ଣେ ଜାଗିଥିବ ଆଶା !

'ପ୍ରାଣରେ ପ୍ରିୟା ମୋର' ଶୁଣିନ ଏଇ ବାଣୀ ବାରେ
ଏ ଭଳି ବାସନା ତା' କଳ୍ପନାର ପର-ପାରେ ।
ଏ ଯାଏଁ ଭରମେ ସେ ହୋଇନ କା'ର ଖୁଡ଼ି ନାନୀ
ଛତରଖାଇ ବୋଲି ବୁଝା ସେ ହୁଏ ଦବା-ଯାମୀ ।

ପୃଥିବୀ ଉପରେ ସେ ତ୍ୟକ୍ତ ପ୍ରାଣୀଟିଏ ପରି
ସୃଜିତ, ଦିନପରେ ଦିନ ଯେ ଯାଉଅଛି ଗଡ଼ି
ଜଟିଳ ପ୍ରଶ୍ନ ଯେ ଏଇଠି ଜାଗେ ବୁକୁତଳେ
ନ ମରି ବଞ୍ଚିଚ କାହିଁକି ଏତେ କଳବଳେ ?

ବରଂ ହେ ମରିଗଲେ ଜଗତେ ପାଇଯିବ ତ୍ରାହି
ତା'ଭଳି ଜୀବନରେ ମୂଲ୍ୟ ଥିଲେ ହେଲେ ନାହିଁ ।
କି ଭଳି ମରିଯାଉ ଏଭଳି ବିସ୍ମୃତ ହେଲେ
କି ଭଳି ବଞ୍ଚିବ କେହିତ ବିସ୍ମରଣ ହେଲେ ?

କାହାର ଜୀବନର ମୂଲ୍ୟ ନାହିଁ ମତେ କହ !
ହେଉ ସେ ବ୍ୟଥାମୟ ହେଉ ସେ ଯେତେ ଦୁଃଖବହ ।
ଜୀବନ ଯେତେହେଉ ଅସୀମ ଲାଞ୍ଛନା ଭରା
ଅଳଆ ଗଦା ପରି ଫିଙ୍ଗି ଦେଉ ତା'ରେ ଧରା ।
ତଥାପି ଜୀବନ ସେ ତହିଁରେ ମିଠା ଅଛି ଭରି
ପାରିବ ପାରିବ ସେ ଧରଣୀ ଆମୋଦିତ କରି ! !

ତା' ଓଠେ ଭାଷା ଅଛି, ସେ ଭାଷା ଶୁଣେନି କେ' କାନେ
ବୁକେ ତା ଆଶା ଜାଗେ ପରଶି ଯାଉନି କା' ପ୍ରାଣେ ।

Digitized by srujanika@gmail.com

ଅଛୁ ତା' ଅନ୍ତର ଫୁଲର ପରିମଳ ପରି
ପୃଥକ୍ ରହିଛ ସେ ନ ଯାଇ ପାରି ସଞ୍ଚରି ।
ଅଛୁ ତା' ଗୃହାଣୀରେ ଜୀବନ ଭରି ମଧୁ ଛାଇ
ଅସୀମ ଅବସାଦେ ପଡ଼ିଛ ଚିରକାଳ ଲଇଁ ।

ସେନେହ ତୃଷ୍ଣା ସେ ରୁଦ୍ଧ ତା' ମରମ ତଳେ
ବନ୍ଦୀ ସେ ଯିବାପାଇଁ ପାଉନି ପଥ ଅନ୍ତରଳେ ।
ଜନନୀ ହୋଇ କୋଳେ ଧରିବାପାଇଁ ଏକ ପୁଅ
ଶୂନ୍ୟ ନୟନେ ତା' ଜାଗୁଛି କେତେବାର ଲୁହ ?

ହୃଦୟ ଦେଇକା'ରେ ସେନେହେ ବରି ନେବାପାଇଁ
ଖୋଜୁଛି ବକ୍ଷ ତା' କାହାରେ ଲଭେ ପାଉନାଇଁ ।
କୁଟୀରେ ରହି କା'ର କରିବାପାଇଁ ଜନସେବା
ଲୋଡ଼ିଲେ ହେଲେ ତାକୁ ସୁଯୋଗ ଦେଉଅଛୁ କେ'ବା ?

ଫକୀର୍ କେନା

ବଞ୍ଚିତ·ଫକୀର କେନା ତଥାପି ବଞ୍ଚିତ
ତା' ଦରିଦ୍ର ଜୀବନର ଇତିହାସ ଧରି ।
ଘରେ ତାର କିଏ ?
ଶୂନ୍ୟ ଘର, କେହିନାହିଁ କେହିନାହିଁ —
ଜଣେ ପୁଅ କେହି ନାହିଁ
ତୋରଣି ଟିକିଏ ଘରେ ବାଢ଼ିଦେବା ପାଇଁ !
ଫେରିଲେ ସେ ମୂଲ ଲାଗି
କେବେ ଯେବେ ହେଉଥାଏ ଆହୁଟ୍ ପାହୁଟ୍
ଶେଷେ ଯେବେ ହଂସ ତା'ର ଯାଉଥାଏ ଉଡ଼ି
କ୍ଷୁଦ୍ର ତାର ଦରିଦ୍ର କୁଟୀରେ
ବସିଯାଏ ଅବାମାଣ କେତେବେଳ ଯାଏଁ
ଆଖିରୁ ଦ'ଧାର ଲୁହ ଝରି ପଡ଼େ
ବିକଳେ ମଉନେ ।

ଅତୀତର କେତେ ସ୍ମୃତି ଆଖି ଆଗେ ନାଚି ଯାଏ
ଗୋଟି ଗୋଟି ହୋଇ ।
ସବୁଥିଲା ତାର —
ପୁଅ ଥିଲା, ଝିଅ ଥିଲା,
ଥିଲା ତାର ରୂପବତୀ ଗୁଣବତୀ ଗୋଟିଏ ସ୍ୱରଜା ।
ପୁଅ ତାର ?

Digitized by srujanika@gmail.com

ଭେଣ୍ଡାପୁଅ, ବୋଲଦେଲା ପର ବାହା
କର କର ଆସୁଥିଲା ପାଇଟି ପତର ।
କିଏ ତାର ?
ଆସିଲା ଏ ମଗୁଣିରେ ହୋଇଆସ୍ଥା ବାହା ।
ତାର ସ୍ତ୍ରୀ ?
ମୂଳ ଲାଗି ଯେତେବେଳେ କ୍ଳାନ୍ତ ପଦେ
ଫେର ଆସେ ଗୃହେ
ଜାହ, କାଞ୍ଜି, ଭାତ ଓ ତୋରଣୀ
ବାଢ଼ିଦଏ ସଙ୍ଗେ ଆଦରେ
ଦିନକର ସବୁକ୍ଳାନ୍ତି, ଅବସାଦ
ଅନ୍ତରର ଗୁରୁ ନିଷ୍ପେଷଣ
ଭୁଲିଯାଏ ନିମିଷକେ ସେ ଫକୀର କେନା ।
ସବୁ ଦୁଃଖ ଦାରିଦ୍ର୍ୟ ଭିତରେ
ତାର ଏଇ ମଧୁର ସଂସାର
ସାତସରଗରୁ ବଳ ଥିଲା ଯେଣ୍ଟେ ଜୀବନର ପ୍ରିୟ ।
ଅଭାବ ଦୈନ୍ୟରେ ଯେବେ
ଯାଉଥିଲା ଝାଉଁଳ ତା' ଗୋଟିକ ଅନ୍ତର
ଏଇ—ଏଇ—ସଂସାରଟି ଦେଉଥିଲା ଯେଣ୍ଟେ ତାରେ
ସଞ୍ଜୀବନୀ ଧାର—

ସେ ବରଷ ଜ୍ଵରଜାଟି ବୁଜଦେଲା ଆଖି
ହେଲା ଯେବେ-ସନ୍ନିପାତ ।
କେତେ କାନ୍ଦି କରବ ସେ ଔଷଧ ପତର
ଏତେ ବା ପଇସା କାହିଁ ?
ଦେବାପାଇଁ ପଥ୍ୟ ବା ପାଚନ;
ଛ'ମାସ ନ ଯାଉଁ

Digitized by srujanika@gmail.com

ଯୁଗପରେ ଯୁଗ ତାର
ଦିନକର ହୁଙ୍କାରେ
ଶୂନ୍ୟ କରି ଦରିଦ୍ର ସଂସାର ଗଲା ଆର-ପାରେ ?
ସମ୍ବଳ କାହିଁ ବା ତାର
କରିବାକୁ ଦୁର୍ଦ୍ଦାନ୍ତ ତପସ୍ୟା ?
ସେଥର ବସନ୍ତ ହେଲା
ଟିଅଛି ତା' ଝଲମଲ ହୋଇ
ସ୍ମରଣେ ବୁଜିଦେଲା ଆଖି !

ପୃଥ୍ୱୀ ସ୍ଥଳଟ
ତା'ଭିତରେ ସ୍ଥଳଟ ବି ଏ ଫକୀର କେନା
ଆଖି ଲୁହ ଆଖିରେ ତା' ମରି ମରି ଯାଏ
ବୁକୁର ଅନନ୍ତ ବ୍ୟଥା ବୁକୁତଳେ ଥାଏ
ଯେଉଁଠି ସ୍ତୂପୀକୃତ ହୋଇ ।
ମନେ ପଡ଼େ କେବେ ଯୁଗ
ମନେ ପଡ଼େ କେବେ ବା ସ୍ୱରଜା,
ସମସ୍ତେ ତ ଗଲେ ସ୍ମୃତି ଗୋଟି ଗୋଟି ହୋଇ
ରହିଛି ଏ ଭଗ୍ନ ସ୍ଥଳୀ ରହିଛି ଏ କାନ୍ଥ ବାଡ଼
ରହିଛି ଏ ମାଟି ।
ଏହାର ଭିତରେ ଯେବେ ବକ୍ଷ ତାର
ନିଦାରୁଣ ଆଘାତରେ ଯାଏ ଫାଟି ଫାଟି
କିଏ ବୁଝେ ? କିଏ ଜାଣେ ? କିଏ ଆସେ
ଦେବାପାଇଁ ପ୍ରବୋଧନା ବାଣୀ !
ସୁଦୂର ପଲ୍ଲୀର ସେ ଯେ
ଅବଜ୍ଞାନ ପ୍ରାଣୀ !

Digitized by srujanika@gmail.com

ଆଖିକୁ ଦିଶୁନ ତାର କାନକୁ ଶୁଭୁନ
ଦେହେ ଖାଲି କଣ୍ଟା ଅଛି
ବୃକ୍ଷତଳେ ଝଡ଼ୁ ତାର
ବେଦନାର ଉଚ୍ଛ୍ୱାସ
ଚିର ଅଶ୍ରୁମୟ ।
ତଥାପି ଜୀବନ ତାର
ବନ୍ଧୁର ବୈଚିତ୍ର୍ୟ ଭର
କେଉଁ ମନ୍ତ୍ରା ବିଧାତାର
ଶୁଣାତାରେ ଥିଏ
ହୁଏ ଚଞ୍ଚଳ ଅଥୟ ?

ନିରନ୍ନ

ଯିଏ ଯହିଁ ଚାଲିଗଲ ଆପଣା କୁଟୀରେ ନିରନ୍ନ ଏ ହତଭାଗା ଯିବ କହ କାହିଁ ?
ଭଗ୍ନନୀଡ଼ହୋଇ ସେହୁ ଭୁଲଇବ ଏଥି କେହିଜଣେ ଆପଣାରହୋଇ ତା'ରନାହିଁ ?
ଶିରେ ରୁକ୍ଷ କେଶରାଶି, ଦେହେ ଛିନ୍ନବାସ ଓଠେ ଦୈନ୍ୟ ବାଣୀ
ଦଣେ ଜୀର୍ଣ୍ଣ ଅଙ୍ଗଯଷ୍ଟି, ଧରଣୀର ଦୀନହୀନ ଅବଜ୍ଞାତ ପ୍ରାଣୀ
ସୀମାହୀନ ଏ ଯେ ମହା ସୃଷ୍ଟି ତଳେ ତଳେ
ଅବସାଦେ କୋଟିଲୁହ ବନ୍ଦୁ ଯେବେ ଝରେ
କହିବାକୁ ଫିଟାଇ ମରମ
କିଏ ଅଛି ଆପଣାର ଜନ ?
ବୁଝୁ ବ୍ୟଥା ବୁକୁତଳେ
ଚକ୍ଷୁ ଲୁହ ଚକ୍ଷେ ମରେ
ବିଶାଳ ଏ ପଥେ
ଚାଲେ ଅବିରତେ
ଢନବ୍ରତ
ନାହିଁ ସାଥି !

Digitized by srujanika@gmail.com

ନାହିଁ ତା' ଆକାଶ ସ୍ପର୍ଶୀ କନକ ସଉଧ ନାହିଁ ତା ହୟଅଶ୍ୱ ଯଶ ଧନ ଦଉଲତ
ନାହିଁ ତା'ଉଦ୍ୟାନ, ନାହିଁ କେଳି ସରୋବର ରାଜହଂସ କ୍ରୀଡ଼ା ଯହିଁରେ ଅବିରତ !
ଆଡ଼ମ୍ବର ଅହମିକା ଶାସନର ରାଜଦଣ୍ଡ ନାହିଁ ତାର ନାହିଁ
ତା' ବ୍ୟକ୍ତିତ୍ୱ ବକ୍ଷଃତଳ ଏ ମଣିଷ ସମାଜରେ ମାନପତ୍ର ପାଇଁ
ଥୋଇନାହିଁ ଶତଦାଗ ଅଭିମାନ ବୋଲା
ଦନେହେଲେ ଖୁଲି କେବେ ତା' ରକ୍ତିମ ଡୋଳା
ନୀରବ ଇଙ୍ଗିତେ କାହା ପ୍ରାଣେ
ଦେଇନାହିଁ ବ୍ୟଥାହେଲେ ଧାନେ
ନିଜର ଗୌରବ ଯାହା କହିବାକୁ କାହିଁ ରାହା ?
ଦରିଦ୍ର କାଙ୍ଗାଳ କବା ଅଛି ତାର ?
ଦୁଇଧାର ଲୁହତାର !

ଧରଣୀର ପଥେ ପଥେ ବସିଅଛି ଆନନ୍ଦ ବଜାର ଲାଗିଅଛୁ ନୃତ୍ୟ ଗୀତ ନାଟ
କଏ ସ୍ଥଳେ ବକ୍ଷ ଟେକି ମଉ ବଇଭବେ କାହାଣିରେ ବନ୍ଧାହୁଏ ଝଡ ଜଞ୍ଜାଟ
ଏକଛତ୍ର ସମ୍ରାଟର ଆସନ ପାଇଁ କି ଧରଣୀର ମହା ବକ୍ଷପରେ
କଏ କେତେ ଲୋଡ଼ିବସେ ଅଭିଯାନ ପରେ ଶତ ଅଭିଯାନ କରେ
କେତେ ଆଶା ଅଭିଳାଷ ସ୍ୱପ୍ନ ସାଧନାର
ମୂର୍ତ୍ତିର ଉଠଇ କାହା ବକ୍ଷେ ବାର ବାର
କାଏ ସ୍କନ୍ଧେ ଧନଜନ ଜ୍ଞାନ
'କାଏ ସ୍କନ୍ଧେ କ୍ଷମତା ସମ୍ମାନ
ନିରନ୍ନ ଦରିଦ୍ର ଏଇ ବକ୍ଷେ ଭାର ନାହିଁ କେହି
ତାର ବକ୍ଷପୁଟେ ଟାଳି ସେହ୍ନେ ଫୁଟେ
ମୁଠେ ଭାତ ! ମୁଁ ଅନାଥ !

Digitized by srujanika@gmail.com

ହାତରେ ଖର୍ପର ଧରି ଆନ ହାତ ଝୁଲି ମାରେ ଦଅ ବାବୁ ଦଅ ଗଣ୍ଡେ ଖାଇ ମତେ
ଘରୁ ଘରେ କେତେ ସ୍ଥାନମାନେ ପାଦଚୁଲି ନଗଣନସ୍ଥନେ ଡାକେ ବଣିକପଥେ !
ଆକାଶ ଯାଏନ ଫାଟି ପାଦତଳେ ବସୁନ୍ଧରା ଲସିଯାଏ ନାହିଁ
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା କକ୍ଷ ଭ୍ରଷ୍ଟ ନୋହିଁ କେଉଁଠି ରହିବନ୍ତି ସ୍ୱଚ୍ଛ !
ଅନନ୍ତ ବୁଭୁକ୍ଷା କେଉଁଠି ଶିର ତାର ତୋଳି
ସେ ଖର୍ପର ପ୍ରତି ଅଣୁ ପରମାଣୁ ଖୋଲି
ସୃଷ୍ଟି ପ୍ରତିରନ୍ଧ୍ରେ ସ୍ୱଚ୍ଛ ଡାକେ
ଦୟା କଣ ନାହିଁ ତୁମ୍ଭ ପାଖେ ?
ବିପୁଳ ସୁନ୍ଦର ସୃଷ୍ଟି ସ୍ୱର୍ଗେ ଚାଲି ଝୁନ ଦୃଷ୍ଟି
ତା' ଅନ୍ତର ତଳ ହୁଏନ ସଜଳ
ହାହାକାର ହୁଏ ସାର !

ଅଭାବ ଓ ଅନାହାର ପୀଡ଼ନରକ୍ତରେ ଅନନ୍ତସନ୍ତାପ କୋଳେ ସେଯେ ଦିନଯାପେ
ଦିନଯାଏ ରାତିଆସେ ଆସେ ବର୍ଷମାସ, ତା'ବେଦନା ଘୁଞ୍ଚେନାହିଁ କାହା ଅଭିଶାପେ
ତା'ପାଇଁ ଫୁଟେନ ଫୁଲ ତା'ପାଇଁ ନିଶୋଷବଧୂ ଜାଳେନ ଜାଗର
ତାପାଇଁ ବହେନ ବାଆ, ତାହାପାଇଁ ଊର୍ମି ତୋଳି ନାଚେନ ସାଗର !
ଯହିଁ ସେ ପକାଏ ତାର ଦୃଷ୍ଟି ବାର ବାର
ଫୁଟେ ତହିଁ ବେଦନାର କୋଟି ଅଶ୍ରୁଧାର
ଅନ୍ଧକାର କୋଳେ ଥର ଥର
ଘୁଲେ ତା'ର ଜୀବନର ତରୀ
କାହିଁକି ଏ ଅସମତା ? କାହିଁକି ଏ ନିଷ୍ଠୁରତା ?
ଏ ଯେ ଅତ୍ୟାଚାର ନୁହେଁ ସହିବାର
ମନୁଷ୍ୟର ଦରବାର !

Digitized by srujanika@gmail.com

ଯେତେବେଳେ ଦୁଃସ୍ୱପ୍ନ ନିରନ୍ନକାଙ୍ଗାଳ ମଣିଷକାନ୍ଦୁଚି ତା'ରବୁକୁ ତଳେତଳେ
ନର୍ଥ ମାଗି ଦନ ଧରି ତାହାରି ଭିତରୁ ମଣିଷ ଦେଖଇ ଡାକ ଏଇ ମଣିଷରେ
ଭୋଟି ବନ୍ଦ୍ ନେତକେ ଆପ୍ଲୁତ କରି ଧରଣୀର ପ୍ରତି ଅନୁଭୂତି
ମଣିଷର ପଞ୍ଜେତଳେ ମଣିଷ ଡାକଇ କେନ୍ଦ୍ରେ ନମ୍ର ହୋଇ ଅତି !
ଆଜି ଫେରି ହେ ପୃଥିବ ! ସ୍ୱର୍ଗ ଅରେ ସ୍ୱର୍ଗ
ସେ ଯେ ତୋର ଅନ୍ତରର ଅନୁଭୂତ ମନ୍ତ୍ର—
ଗୋଟିଏ ନିରନ୍ନ ଜୀବ, ସେ ଯେ—
ଲୋଡ଼େ, ତୋହରି ଅନ୍ତର ଶେଯେ
ପଡ଼ିବାକୁ ସୁଖେ ଛଳ
କହିବାକୁ ବକ୍ଷ ଭରି
ଅନ୍ତର ବେଦନା
କରନାହିଁ ମନା
ସେ ଯେ ତୋର
କର କୋଳ !

Digitized by srujanika@gmail.com

ଠିଆ ହେଲା

ଅକସ୍ମାତେ ମୋ ସମ୍ମୁଖେ ହେଲା, ସମ୍ମୁଖେ ହେଲା ଠିଆ
କେଉଁ କୁଟୀରର ସଂଖାଳି ସେ ଯେ ଗୋଟିଏ ନିଃସ୍ୱ ଝିଅ !
ବାର ବରଷର ବାଳିକାଟିଏ ସେ ପଞ୍ଜରା ହାଡ ଦିଶେ
ଆଣ୍ଠୁ ଲୁଚୁ ନ ଥିବା କନାଟିକୁ ଭୂଷଣ କରିଛି କି ସେ ?
ହାତରେ ଧରିଛି ଭଙ୍ଗା ଟୋକେଇ ଧାନ ଗୋଟାଇବା ପାଇଁ
ଧାନର ଶିଂଷା କେତୋଟି ତହିଁରେ ପଡ଼ିଛି ଅଥବା ନାହିଁ !
ସମ୍ମୁଖେ ମୋର ଠିଆ ହେଲା ଆସି ନ କହି ପଦଏ କଥା
ଉଷ୍ଣଲୋତକ ଓଦା କରୁଥାଏ ନିଃସ୍ୱ ତା' ଆଖିପତା
ହାତର ପିଠିରେ ଲୁହ ପୋଛି ଦେଇ ଖାଲି ଚାହୁଁଥାଏ ମୁହଁ
'କିଏ ରୁହ ମାଆ କାହାଘର ଝିଅ ଜାନୁରୁ କାହିଁ ପାଇଁ ?'

ପଚାରିଲି ତାରେ, ଉତ୍ତରିଲା, 'ମୁଁ ଲେକା ତନ୍ତୀର ଝିଅ
ବିଦେଶେ ମୋହର ମରିଅଛି ବାଆ ହେଲାଣି ବରଷ ନଅ ।
ବୋଉ ପଠେଇଛି ସା' ତା ବିଲରୁ ଧାନ ଗଣ୍ଡିଏ ନେଲେ
ମିଳିବ ଖାଇବୁ, ଘରେ କିଛି ନାହିଁ କୁଟିଥିବ ହେଲେ ବେଳେ ।'
ଦେଖି ଅଛି ମୁହିଁ ଲେକା ତନ୍ତୀକି ବଡ଼ [illegible]ଅମ ଲୋକ
ଦରିଦ୍ର ତାର ଜୀବନେ ସହିଛି କେତେ ଯେ ଉପାସ ଭୋକ ।
ଶେଷକୁ ସେ ଗଲା ଆସାମ ମୁଲକ ସେଇଠି ନଭିଲା କାହିଁ
ଝିଅ ତା' ବୁଲୁଛି ଏହି ବିଲମାନେ ଧାନ ଗୋଟାଇବା ପାଇଁ !
ଜାହା ଜାଆଣ୍ଟିରେ ପଡ଼ିଲେ କେ କରେ ଦୂର ଦୂର ମାର ମାର
ମନା କଲେ କିଏ ଫେରି ଆସେ ତାଲି ଉପ୍ତଲୋତକ ଧାର ।

Digitized by srujanika@gmail.com

ବଳ କଅଁଳରେ ତାକୁରୁ ତଳପା ଯାଏ ମୁଁ ଦେଖିଚି ତାରେ
ଝାଉଁଳି ପଡ଼ିଚି ଦେହ ମନ ତାରୁ ନିର୍ଯ୍ୟାତନାର ଘାରେ
ସମ୍ମୁଖେ ମୋର ଠିଆ ହେଲା ସେହି ଲୋକା ତନ୍ତୀର ଝିଅ !
ମାଗିନାହିଁ କିଛି, କହିନାଇଁ ପଦେ 'ବାବୁ ଗଣ୍ଡିଏ ଦିଅ'
ପଚାରିଚି ଯାହା କହିଚି ସେତିକ, ଆଉ କିଛି କହିନାଇଁ
ଠିଆ ହେଲା ଖାଲି ସମ୍ମୁଖେ, ଚାହିଁ ଚାହିଁ ମୁଁ ପାରିଲି ନାହିଁ
କହିବାର ପାଇ କ'ଥିଲା ତାହାର ? କହିଥାନ୍ତା କି କଥା ?
ଭିତର ବାହାର ଚାରଦିନ ତାର ବୋଲା ଖାଲି ଢକ୍ତା !
ଠିଆ ହେଲା ମୋର ସମ୍ମୁଖେ ଖାଲି ଟିକିଏ ରହିଲା ଚାହିଁ
ଭଙ୍ଗା ଝୋଟେଇ କାଖରେ ଯାକିଚି ଚାଲିଗଲା ଦୂରେ କାହିଁ !

ନିସ୍ସହ ନିଃସ୍ୱ ତା ଆଖି ଦୁଇରୁ ପୋଛୁ ପୋଛୁ ଲୁହ ଧାର
ଫେରିତ ଚାହିଁ ନ, ଚାଲିଗଲା ସେହୁ ବହି ତା' ବେଦନା ଭାର
ଆଖିରେ ତାହାର ସେଇ ଲୁହ ଅଛି କଣ୍ଠିରେ ଛିଣ୍ଡା କଥା
ମୁଖମଣ୍ଡଳେ ସେ ମଳିନ ଛବି ବୁକୁ ତଳେ ସେ ବେଦନା
ପଚାରିଲି 'କେ ଏ କଲେଇ ଦଶା ଏ' କିଛିତ କହିଲା ନାଇଁ
ସମ୍ମୁଖେ ମୋର ଖାଲି ଠିଆ ହେଲା, ଟିକିଏ ରହିଲା ଚାହିଁ
ଚାଲିଗଲା ସିଏ ! ଚାଲିଗଲା ସିଏ ! ମିଶିଗଲା ବଳମାଳେ;
ସିଏ କାନ୍ଦୁଚି, ମୁହିଁ କାନ୍ଦୁଚି ତା' ପାଇଁ ଅସମ୍ଭାଳେ !
ସମ୍ମୁଖେ ମୋର ଠିଆ ହେଲା ସେଇ ଲୋକା ତନ୍ତୀର ଝିଅ
ମାଗିନାଇଁ କିଛି କହିନାଇଁ ପଦେ 'ବାବୁ ଗଣ୍ଡିଏ ଦିଅ ।'

ନୟନ ଲୁହ ନୟନ କଣେ ଭରି

ଜୀବନ ଭର ଏ ବୁକୁତଳେ ଫୁଟେ ମୋ' ଯେଉଁ ବଥା
କହିଲେ କହି ପାରିବ ନାହିଁ ଘୁରାଇ ଯାଏ ମଥା
ଆଖିର ଲୁହ ଆଖିରେ ମରେ ନୀରବ ହୋଇ ରହେ
ପଧାନ ଘର ବୋହୂ ଯେ ମୁହିଁ କୋଟିଏ ଦୁଃଖ ସହେ

ପହିଲି ପାଳି ଆସିଲି ଯେବେ ପଡ଼ୁଛି ମୋର ମନେ
ଗିରସ୍ତ ମୋ ଗଜା ବୟସୀ ମରଦ ଟୋକା ଜଣେ
କାନରେ ତାର ବାଡ଼ିଆ ନୋଳି କଉଳ ଆହାମାନେ !
କବାଟ କଣେ ସ୍ନେହେ ମୁଁ କେତେ ସବୁଗ ସପନମାନେ !

ବିଲ ବାଡ଼ିକି ଯାନ୍ତି ସିଏ ପକାଳୁଁ ଛୁଟି କରି
ଖରା ହେଉ ବରଷା ହେଉ ହେଉ ବା ଝଡ଼ ବଟି ।
ପ୍ରତି ଦିନ ସେ ଆଣନ୍ତି ମୂଲ ପଇସା ଚଉଅଣା
ଭଲରେ ଆମେ ଚଳୁ ଯେ ଯାଉ କରିଣି ପିଠା ପଣା

ସେଥର ଯେବେ ମଡ଼କ କାହୁଁ ପଡ଼ିଲା ଆମ ଗାଁଏ
କି ପିଲା ପିଲି ଭେଣ୍ଡା ବୁଢ଼ା ମଲେ ଯେ ଶହେ ପ୍ରାଏ !
ସଞ୍ଜ ନୋହୁ ଛାଟି କବାଟ ସବୁରି ଯାଏ ପଡ଼ି
ମଶାଣି ରଇ ନିଭିଲା ନାହିଁ ଦି' ଦିନ ପଖ ଧରି ।

Digitized by srujanika@gmail.com

ସେଥର ମୋର ଶଶୁର ବୁଢ଼ା ବୁଜିଲେ ପସ୍ୱ ଆଖି
ମଣବା ପାଇଁ ଡ'ଡନ ଅଛୁ କହିଲେ ପୁଏ ଡାକି ।
ଦେଖି ସିଦ୍ଧୁଁ ଚଳିବୁ ବାବୁ ସାହସ ସବୁ ଗ୍ରୁଣ
ଲାଗିଲା ଉଡେ ଘର ଦୁଆର ଲାଗିଲା ବିଲ ବାଡ଼ି ।

ସେଦନୁ ତାଙ୍କ ସେରନ୍ଧା ପଣ ଯାଇଚ ଗ୍ଲଲି ଜାହ୍ନୁଁ
ଲାଗିଲା ଘର ଲାଗିଲା ଧନ୍ଦା ସବୁ ଆମର ପାଇଁ
ସୋଢ଼ଏ ଝିଅ ଗୋଟିଏ ପୁଅ ପାଳନ୍ତି ଥାଏ ପେଟେ
ଖାଇବା ପାଇଁ ଅଣ୍ଟେ ନାଇଁ ଅଣିଲେ ଯନ୍ତୁଁ ସେତେ ।

ବିକିଲି ଟଙ୍କି ବିକିଲି ନୋଥ ବିକିଲି ଚନ୍ଦ୍ରହାର
ବିକିଲି ବଦ ବିକିଲି ମୁଦ, ବାହୁବ ରୂପା ତାଡ଼
ଗିରନ୍ତ ସେ ଦନ୍ତ ଦୁଃଖରେ ପଡ଼ିଲେ ଶେଷ ଧର
ମିଳିଲା ନାଇଁ ମୂଲ କି ପାଠ ସବୁ ସେ ଗଲା ସର ।

ହାତରେ ଥାଏ ଢପଟ ଭାତ ଦେହରେ ଚସ୍ୱ କନା
ସ୍ୱଢ ପାଇଲେ ଖାଇବା ପାଇଁ ନ ଥାଏ ଘରେ ଦାନା
ପିଲାଟିମାନେ ହୁଅନ୍ତି ଥାହା ସେଭଳି ନାରଖାର
ଭଗାଣ ହେଲେ ଗ୍ଲୁହୁଁଲେ ଥରେ ବହୁବ ଲୁହ ଧାର ।

ତ'ମାଣ ଭୁଇଁ ବାଡ଼ି ତଳରେ ବିକିଲି ସାଥେ ସାଥେ
କରଜ ପୁଟି ସାହୁକାରର ଫେଡିଲି ଟାଲି ହାତେ,
ପସ୍ୱଣ ପଢ଼ ଜନ୍ମ ଶ୍ରେଣୀର ବୁଜିଲେ ଆଖି ସେବେ
ଶୀତେଇ ଯାଏ ଦନ୍ତ ସେତନ ପଡ଼ିଲେ ମନେ ଏବେ !

ସେ ଯନ୍ତୁଁ ଥିଲେ ସଙ୍ଖାଳି ମୋ ଗଳେରେ ଭାହୁଁ ମର
ଗୋଟିଏ ବୋଲି ସମ ଅଇଁଠା ରହୁଛୁ ମଉ ମଣ ।
ତାକୋଇ ଗ୍ଳନ୍ଧୁଁ ପାଶୋର ଦଏ ସକଳ ଦୁଃଖଦାହ
ତାକୋଇ ଗ୍ଳନ୍ଧୁଁ ନୟନକୁ ନ ବହେ ଲୁହ ଆହ !

Digitized by srujanika@gmail.com

ସେଦିନ ପରି ଆସିଣ ଗାଆଁ ଖମାର ସାହୁକାର
ଧରି ନେଲା ମୋ ଧନକୁ ଦେଲେ ହଂଗା ଲଂଘା ମାଡ଼
ବଳରୁ ତାଙ୍କ କିଏ ସେ ନେଲା ସ୍ୱେଚ୍ଛାଇ କରି ଖେତ
ମୋ ଧନମାଳ ଖାଇଲା ଗାଳି, ବାଜିଲା ଦେହେ ବେତ,

ଡାକ୍ତର କରି କହିଲା କେତେ ସ୍ୱେଚ୍ଛାଇ ନାଇଁ ମୁହଁ
ପିଆଦା ତାଙ୍କ ମଦନ ସାହୁ ମାଇଲା ଡଣ୍ଡ ଛୁଇଁ
ଶ୍ରାବଣ ମାସ ବରଷା ପରି ଝରୁଥାଏ କେତେ ଲୁହ
ବାହାରେ ରହି କହିଲି ଦୋଷ କରିନ ମୋର ପୁଅ !

ବାହାରେ ରହି କହିଲି ଦୋଷ କରିନ ମୋର ପୁଅ
ପିଠିରେ ମୋର ବସିଲା ବାଧା ଶୁଣିବେ ଥିଲେ ତହିଁ
ମାଆ ଓ ପୁଅ ଫେରିଲୁ ଆମେ ମାଡ଼ ଓ ଗାଳି ସହି
ଉପାସେ ପେଟ ଜଳୁଥାଏ ଦୁଃଖେ ଯାଉଥାଏ ଲୁହ ବହି ।

ତା' ଧାରବଦନ କୁଡ଼ିଆଟିରେ ଲାଗିଲା ମୋର ନିଆଁ
ସେ ମାଡ଼ କଥା କହିଲି କାହିଁ ହୋଇ ମୁଁ ଅମାନିଆଁ !
କୋଡ଼ିଏ ଟଙ୍କା କରଜ କରି ତୋଳିଲି ମୋର ଘର
ଛ'ମାସ ନୋହୁଁ ଘରଟି ମୋର ନେଲେ ସେ ସାହୁକାର

କହିଲି କେତେ ନେହୁରା ହୋଇ ଚରଣ ତଳେ ପଡ଼ି
କୋଡ଼ିଏ ଟଙ୍କା ଧନ ଯେ ମୋର ସୁଝିବି କାଲି ପରି ।
ମୋ ପିଲା ଦେହେ ଲାଗିଲେ ତେଣେ କୋଡ଼ିଏ ଟଙ୍କା କସ
ବରଷ ପିଲ୍ଲା ଅଣିବ ଲାଗି ଦୁଇଣ ଲୁହେଁ ମିଛ ।

ପଦନ ସାହୁ ମହନ୍ତ ସାରି ଶୋଧିଲା ଗୀତ୍ତା ମତେ
ରକତ ଧରି କିଏ ସେ ସହୁ ପାରିବ ଏ ମରତେ ।
ମୋ ଧନମାଳ ବରତା ପରି ଥରୁଥାଏ ଥର ଥର
ବହୁଥାଏ ତାର ନୟନ ଜଳ ଲୁହ ଯେ ଝର ଝର

Digitized by srujanika@gmail.com

ଧନମାଳର ନୟନ ଲୁହ ପଣତେ ପୋଛି ଦେଇ
କହିଲି ତାକୁ ଆମର ହୋଇ ମଙ୍ଗେ ନାହିଁ କେହି ।
ଜଅନ୍ତୁ ଏଇ ବୁଢ଼ୀଆ ଏଇ ଦୁଃଖୀର ଅଣ୍ଟାଟିକ
ବୁଲିବା ପରେ ତାର ଦୁଆରେ ମାଗିବା ଯାଇ ଭିକ ।

ଉପାସ ଭୋକେ ସଡ଼କ ପାଖେ କେବଣ ଗଛତଳେ
ମରିବା ପଛେ ଛୁଇଁବା ନାହିଁ ଏ ମାଟି ଆଉ ଥରେ
ସତ୍ୟ ନାହିଁ ଧର୍ମ ନାହିଁ ମଣିଷଠାରେ ଯହିଁ
ଜନମେଷେ ହେଲେ ସେ ମାଟି ପରେ ଆସେ କି କେବେ ରହି ?

ମୋ ଧନମାଳ ଖାଇନ ଭାତ ବସିଛି କଂସା ପାଖେ
ପାଟିକି ଗୁଣ୍ଡା ଜଏ ନ ଜଏ ତାହାରେ କଏ ଜାଣେ ।
ତାହାଣଯାଏ ଘର ଝିଅରୁ ବାପର ଘର ପଣ
ଶୁଣନ କଥା କେତେ ସେ ପୁଣି ଦମାକ୍ ଅଛୁ କଣ ।

କୋ' ଦିନୁ ଆମେ ମାଆ ଓ ପୁଅ ଅସିଚ୍ ଗ୍ରୁଢ଼ ଘରୁ
ଗାଆଁରୁ ଗାଆଁ ଏ ପେଟ ପାଇଁ ବୁଲୁଚ୍ ଅବିରଳ ।
କାହାକୁ ମାଗୁ ଚାଉଳ ଅବା କାହାକୁ ମାଗୁ ଭାତ
କାହାକୁ ମାଗୁ ଲୁଗା ଖଣ୍ଡିଏ କାହାକୁ ମାଗୁ କାଠ ।

ସେ ଦିନୁ ଆମେ ଯାଇନୁ ଆଉ ଆମର ପ୍ରିୟ ଗାଆଁ
ପଡ଼ୁଚି ମନେ ଝଲ ପୋଖରୀ ନଈ ପାହାଡ଼ ନାଆଁ
ପଡ଼ୁଚି ମନେ ସାଇ ପଡ଼ିଶା ଆପଣା ପ୍ରିୟ ଜିଏ
ପଡ଼ୁଚି ମନେ କୁଟୀରି ଯାହା ମାଡ଼ି ବହିଚ କିଏ ।

ପଡ଼ୁଚି ମନେ ଶାଗ ପଟାଳ ଯହିଁ ମୁଁ ଢାଳେ ପାଣି
ପଡ଼ୁଚି ମନେ ନଈରୁ ପାଣି ଆଣିବା ଯାଇ ଗ୍ରୁଣି
ପଡ଼ୁଚି ମନେ ବୋଉ ହୋଇ ମୁଁ କାଟିବା ସୁଖେ କାଳ
ପଡ଼ୁଚି ମନେ ତା'ପରେ କେମନ୍ତେ ହେଲି ମୁଁ ନାରଖାର !

Digitized by srujanika@gmail.com

ପଡ଼ୁଛି ମନେ ଘର ଛାଡ଼ି ମୁଁ ଦାଣ୍ଡେ ହେଲି ଠିଆ
କାହା ଘରର ଝିଅ ମୁଁ ଥିଲି, ଥିଲି ମୁଁ କାହା ପ୍ରିୟା ।
ବାଟ ଘାଟ ମୁଁ ନ ଥିଲି ଦେଖି ନ ଥିଲି ଚିହ୍ନି ଲୋକ
ବା'ର ଦୁଆରେ ବୁଲିଲି ଆହା ପାଇବା ପାଇଁ ଟୋକ

ସ୍ମୃତିର ଏଇ ପ୍ରବାସ ଗାଁଏ ପିଲାଟି ମୋର ବୁଲେ
ଆଖି ବୁଜି ମୁଁ ଯିବଇଁ କାଲି କେଉଁ ଅଜଣା ପୁରେ
ପିଲାଟି ମୋର ଜୀବନେ ଆଉ ନ ପଡ଼ୁ ପରମାଦ
ଭଦାରୁଣୀର ସ୍ୱର୍ଗେ ଦଅ ସେଠିକି ପରସାଦ ।

ନୟନୁ ତାର ନ ବହୁ ଲୁହ ନ ପଡ଼ୁ ବାଧା ବୁକେ
ପୃଥ୍ୱୀପରେ ମୋ ପିଲାଟିକି ଜଅହେ ଗୁଳ ସୁଖେ
ଗଣିବ ପାଇଁ ମରତେ କେହୁ କାନ୍ଦେ ନାଇଁ ଜଣେ
ତା' ପଥେ ସ୍ନେହ ବୁଲାଇ ଏକା ଲୋତକ ଆଖି କଣେ ।

ଗୌରବର ଛତ୍ର ତଳେ ହୁଏନ କେବେ ଠିଆ
ଅଭାବ ଓ ଅସମ୍ମାନେ ପୋଡ଼ଇ ତାର ହିଆ ।
ଆପଣା କରି ବକ୍ଷେ କିଏ ନଏନ ତାରେ ଟାଣି
ମୂଲ୍ୟହୀନ କହିଲେ ହିଁ ଏ ମୂଲ୍ୟବାନ ବାଣୀ ।

ଲକ୍ଷ ଲକ୍ଷ ବରଷ ହେଲା ପୃଥିବୀ କରେ ଗଢ
ଫୁଟଇ ଫୁଲ ବହଇ ବାଆ ହୁଅଇ ଦିନ ଗତ
ଦୁଃଖୀ ତାର ନୟନ ଲୁହ ନୟନ କଣେ ଭରି
ଧରଣୀ ବକ୍ଷେ ବୁଲୁଛି ମୂକ ଗାଈ ବଳଦ ପରି ।

ଏଭଳି କେତେ କହୁ ତା' ନେତ୍ରୁ ଲୋତକ ଗଲା ବହି
ନିମେଷ ପରେ ନଭିଲା ଶେଷ ପବନ ରହି ରହି
ପୁଅ ତା' ଦେଖେ ଜୀବନ ନାଇଁ ଦେହରେ ବୋଲି ହାତ
ଶୁଣଇ ଖାଲି—'ମୋ ପିଲା ପରେ ନପଡ଼ୁ ପରମାଦ' ।

Digitized by srujanika@gmail.com

ଲୁହର ଦାବୀ

କଳା କଳା ଖଣ୍ଡେ ପିନ୍ଧି ଏ ବିଜନ ପଡ଼ିଆରେ
ବସିଅଛୁ ମେହେନ୍ତ୍ରର ସ୍ୱରଯା ମରୁଆ
ସକାଳୁ ଖାଇନ ସିଏ ବେଳ ହେବ ବାରଘଡ଼ି
ଜଗିଛ ଏକାକୀ ଏଥି ପାଚଲା ମାଣ୍ଡିଆ !

ଘରେ ତା' ଗୁଣ୍ଡେଟି ପିଲା ହେଉଥିବେ ଛଟପଟ
ତାଙ୍କୁ ଯେବେ ବେଳୁବେଳ କରୁଥିବ ଶୋକ
ଗିରସ୍ତ ତା ଭୁଲୁଥାଏ ମନଇଚ୍ଛା ଏଣେ ତେଣେ
ବୁଝେନ ପିଲଙ୍କ ହାରେ ଦେବାପାଇଁ ଢୋକ ।

କହିଲ ବଳକଲେ ମତେ, ଶୀର୍ଣ୍ଣ ତା' ନୟନୁ ଢାଳି
କେତେ ବେଦନାର ସୀମାହୀନ ଲୁହଧାର
ଦ'ଘର କରିଚ ସେବା ପହର ଗୁଞ୍ଜୁଣୀ ବଜ
ଚଳିଯାଏ ମୋର ପ୍ରତିଦିନ ଯା' ଆଧାର

Digitized by srujanika@gmail.com

ବଡ଼ ଦୁଃଖେ ଏ ପିଲାଙ୍କୁ ଚଳାଏ ମୁଁ ଏକା ଏକା
ଭୁଣ୍ଡିକୁ ଆଧାର ଦେଇ ବାର ଦାରଦ୍ୱାରେ
ଖଦୀପଟା ଜଣବାକୁ ମିଳେନାହିଁ ପଇସାଏ
ତୁମ ଅଗେ କହିବନ ଦୁଃଖ କପାଁ ବାରେ ?

ପିଲାଟା ମୋ ହୁଏ ତଇଁ ତଇଁ ମାଛ ଟିକେ ଖାଇବାକୁ
ପାରେନା ମୁଁ ଦେଇ, ଯାଏ ମାଗି କା' ଦୁଆରେ
କେ' ଦେଲେ କେ' ଦଅନ୍ତିନ, ଭଲମନ୍ଦ କାହୁଁ ଅବା
ଦେଖିବେ ପିଲାଏ ମୋର ଗରିବ ସଂସାରେ !

ହେଉଛି ଦେଖୁଚ ବାବୁ ! ପିନ୍ଧିଚି ଏ ଚିରାକନା
ବାହାରକୁ ଯିବା ପାଇଁ ଲାଗୁଚି ସରମ
ଭାଡ଼ିକୁଳ ବୋଲି ଜଣ ଆମର ମହତ ନାହିଁ ?
କଥଣ କରିବୁ ଆମ ଗରିବ କରମ !

ପେଟରେ ମୋ ଆଠମାସ ଶିଶୁ ତ ହୁଅଇ ବେଶୀ
ସଞ୍ଜାକୁ ମୁଁ ଉଠି ଯେବେ ଦାନ୍ତ ଘଷିଦିଏ
ନଥାଏ ମୁଠିଏ ଭାତ ପାଣି ମନ୍ଦେ ପିଇ ରହେ
ମନସୁଧ ମତେ ଆଣି ଦେଉଥିବା କିଏ ?

କେତେ ମୁଁ ଅନାସ୍ତ ହୁଏ ମନ କଥା ମନେ ରହେ
ପଠାଇଚ ଯାଆ ଏଠି ଜଗିବୁ ମାଣ୍ଡିଆ
ଏତେବେଳ ହେଲା ଅସି ପିଲେ କାନ୍ଦୁଥିବେ ଘରେ
ବାଆ ତା'ର ଜଡ଼ୁଥିଲା ନ ଆସିଲା କାହିଁ ?

Digitized by srujanika@gmail.com

ଶୁଣି ତା' ଅନ୍ତର କଥା ଫେରିଲି ମୁଁ ପଥେ ପଥେ
ତଥାପି ପଛକୁ ଫେରି ନିମିଷକେ ଚାହେଁ
ଭଲା କନା ଖଣ୍ଡେ ପିନ୍ଧି ଶଜନ ସେ ପଡ଼ିଆରେ
ସେଇପରି ବସିଅଛି କେତେବେଳ ଯାଏଁ !

ହୃତ୍‌ପଷ୍ଟ ନୟନେ ପୁଣି ଚାହିଁଲି ବହୁତ ଦୂରୁ
ଦେଖିଲି ବସିଛି ସେଇ ଦୁଃଖିନୀ ମରୁଆ
ଦେଖିଲି ସେ କଳାକନା ତଳୁ ଯାହା ବାହାରୁଛି
ନିଖିଳ ପୃଥ୍ୱୀକୁ କରୁଅଛି ଅଂଧାରୁଆ !

ଅନୁଭବ ଦେଖିଲି ମୁହିଁ ଏ ନିଖିଳ ଚରଚରେ
ମାଡ଼ି ଯାଉଅଛି ବେଶି ବେଶି ଅଂଧକାର
ଜଳ ସ୍ଥଳ ଗଛ ପତ୍ର ପାହାଡ଼ ପ୍ରାନ୍ତର ଗାଆଁ
କିଛି ହେଲେ ଦିଶୁନାହିଁ ସବୁ ଏକାକାର !

ଏହି ମହା ଅନ୍ଧକାରେ ଦେଖେ ସେଇ ପଡ଼ିଆରେ
କେ ଆସୁଛି ଅଗ୍ନି ସମ ଚଣ୍ଡରୂପ ଧରି !
ପୁଞ୍ଜୀଭୂତ ଲୁହ ଅବା ମଣିଷ ପ୍ରାଣର ସେ ଯେ
ଖୋଜେ ସେ ଆସ୍ଥା କହୁ ବାଣୀ ଉତ୍କଣ୍ଠେ !

ବିରାଟ ଏ ଧରଣୀରେ କରିବାକୁ ଉପଭୋଗ
ସକଳର ଅଛି ଦାବୀ ଅଛି ଅଧିକାର
ସଭିଏ ହସିବେ ଏଥି ସଭିଏ ନାଚିବେ ସୁଖେ
ଜୀବନ ଅମୃତ ପିଇ ଭୁଞ୍ଜି ଅନିବାର

Digitized by srujanika@gmail.com

ସବୁର ଅନ୍ତର ଲୋଡ଼େ ଧନ ମାନ ଗଉରବ
ସବୁର ଅନ୍ତର ଜଳେ ଜଳେ ଅଗ୍ନି ଏକ
ସବୁର ଏ ଜଳସ୍ଥଳ ଆକାଶ ଭୁବନ ବାୟୁ
ସଭିଏ ବଞ୍ଚିବେ ଏଥି ନ ହୋଇ ନରେଖ !

କହରେ ମଣିଷ କହ ! କଏ ତୋ ନୟନେ ଦେଲା
ବିଷର କଜଳ ରେଖା କବଡ଼େ ନିର୍ମମେ
କେଁ କହିଲା ପୃଥିବୀର ଅସଂଖ୍ୟ ଜୀବନ ରୁହ
ମାର ହାଣି ଦୋଳୁଥିବୁ ସୁଖର ସପନେ !

ଘିଅ ଦୁଧ ମାଛ ଗ୍ରତ ଖାଇ ରୁ ରହିବୁ ଏଥି
ଅସଂଖ୍ୟ ଜନତା ମରୁଥିବେ ହାହାକାରେ
ରାକ୍ଷସଠାରୁ ପିଶାଚ ରୁ ମଣିଷର ଖୋଳ ଧରି
କଳଙ୍କ ବୋଳୁଛୁ ଏଇ ସୁନାର ସଂସାରେ !

ସୀମାହୀନ ବେଦନା ମୁଁ ଏଇ ମହା-ପୃଥିବୀର'
ଆସିଛି ମୁଁ ଅଗ୍ନି ହୋଇ ଦେବି ଧ୍ୱଂସ କରି
ଯେଉଁଠି ସ୍ଥଳିକୁ ରୁହ ଅସୀମ ଏ ଜନତାରେ
ତୋ' ଅନ୍ୟାୟ ରଥଚ[illegible] ଦଳ

ତୋ ଆଖିରେ ମଣିଷର ପ୍ରାଣବୋଲା ଦୀପ୍ତି ନାହିଁ
ବକ୍ଷେ ନାହିଁ ମଣିଷର କରୁଣା ସେନେହ
ବିରାଟ ନରକଶାଳା ତୋ' ଅନ୍ତର ଦେହ ମନ
ପୃଷ୍ଠି ତହିଁ ସ୍ୱାର୍ଥ ଅବିଶ୍ୱାସ ଓ ସନ୍ଦେହ !!

Digitized by srujanika@gmail.com

ତୋ' ଭଳି ପ୍ରାଣର ନାହିଁ ଦଣ୍ଡେ ହେଲେ ଅଧିକାର
ଏଇ ବସୁନ୍ଧରା ପରେ ବଂଚି ରହିବାର
ତୋହର ନିଶ୍ୱାସ ତାପେ ସିଝିଯାଏ ଯେଉଁଠାରେ
ସୀମାହୀନ ଜନତାର ଅନ୍ତର ବାହାର ।

ଯେ ମଣିଷ ମଣିଷର ବ୍ୟଥା ଏକା ବୁଝିପାରେ
ସବୁରଙ୍କି ଦିଏ ପ୍ରାଣ ଖୋଲି ମଧୁଧାରା
ତାର ଏକା ଅଧିକାର ଏ ମାଟିରେ ରହିବାର
ତା' ପରଶେ ସ୍ୱର୍ଗ ଭଳି ନାଚେ ବସୁନ୍ଧରା ।

Digitized by srujanika@gmail.com

ହତାଶ ପଥିକର ଗାନ

—୧—

ବନ୍ଧୁରା ଧରଣୀରେ ହେଲ ଏତେ କଠୋର !
ସଗ୍ରାମୁ ଫେରଇ ମୁଁ ପରାଜିତ ସଇନ
ଗମ ଗମ ଝାଳ ମୋର
ବହିଯାଏ ଦେହରୁ
ସହୁଛି ମୁଁ ଯେତେ ଯାତ୍ନା ନିଷ୍ଠୁର ଦଇବ
ଚାଲିଛି ମୁଁ ପଥେ ଏକା
ଏ ସକାଳ ପହରୁ !

—୨—

ନୟନୁଁ ମୋ ଝରି ପଡେ ଲୋତକର ଝରଣା
ଆକାଶେ ବତାଶେ ଖୁଜି ଫେରୁଛି ମୁଁ କୁଟୀରେ
ପଥ ବଡ଼ ଦୁର୍ଗମ
କ୍ଳାନ୍ତ ମୁଁ ଶ୍ରାନ୍ତ
ଏକା ମୁଁ ଯେ କେହୁ ନାହିଁ ବନ୍ଧୁ ମୋ ସାଥିରେ
ମୋ ମରମ ବୁଝି ମୋରେ
କରିବ ଯେ ଶାନ୍ତ !

—୩—

ମନ କଥା ମନେ ମାରି ଚାଲିଛି ମୁଁ ଯାତ୍ରୀ
କାନ୍ଦୁଛି ମୋ ଭିତର ହୃଷ୍ଟ ସେ ଗୋକତ !!
ରଞ୍ଜିତ ପଥ ମୋର
ସୀମାହୀନ ଲୁହରେ !
ଚା' ରହିଲେ ମୁଁ ହେଲି ନାହିଁ କେତେ ଭାବେ ମୁକତ,
ଚାଲିଛି ନୀରବେ ଏକା
ଭିନ୍ନ ଏ ସୁଅରେ !

Digitized by srujanika@gmail.com

—୪—

କନ୍ଦରେ ଆକାଶ କନ୍ଦ, କନ୍ଦ ଆଗୋ ଧରଣି !
କନ୍ଦ ମୋର ପରିଚିତ ବନ ବଲ୍ଲି ସରଣି !
ଶତ ବାହୁ ଧକ୍କା ନ
ସନ୍ଧ ସନ୍ଧ ଭୁଲିବ ?
ମୋ ଲାଗି ଫୁଟିବ ନାହିଁ ଉଷା ହେମ ବରଣୀ ?
ଆଖି ଲୁହ ଆଗେ ମାର
ସବୁ କଥା ଭୁଲିବ ? ?

—୫—

ପଲ୍ଲି-ପାହାଡ଼ ଘେରା ଦୂରେ ମୋର ଗାଆଁଟି !
ପଲ୍ଲୀରବ ଜଣେ ମୋରେ ସଂଗ୍ରାମ ବାରତା,
ବକ୍ଷେ ତା' କେତେ ଆଶା
ମୁକ୍ତିର ସ୍ୱପନ !
କି ଦେବ ମୁଁ ହୃଦର ଖୋଲ ବୁଝୁ କରତା !
କେ ବୁଝିଚ ବିଶ୍ୱରେ
ନିଃସ୍ୱର ଜୀବନୀ !

—୬—

ଫୁଟିଚ ଗୋଲାପ କଳି ଫିଟିନାହିଁ ରଙ୍ଗ !
ସ୍ୱପ୍ନେ ସେ ରହିଚ [illegible]ବା ସୀମାହୀନ ଧ୍ୟାନେ ?
ଜାଗିଚ ବସନ୍ତ
ପିକ ପଞ୍ଚମ ଆସିନ
ସୌମ୍ୟ ଦର୍ଶନ କବା କନକର ସ୍ୱାଦ୍ୱାନେ !
କି ମଧୁ ପିଆସା
ତାର ମନ ତଳେ ବସିନ !

Digitized by srujanika@gmail.com

—୭—

ଭାଙ୍ଗି ପଡ଼ିବ ତାର ସପନର ସଉଧ ।
ଓଠ ତା' ପଡ଼ିବ ଫିକା ଫୁଟିବନି କଥା ସେଠି
ଲୁହ ଛଳ ଛଳେ ମୋରେ
ଚାହିଁଥିବ ଛଇଳା !
ହିଦରୁ ଥିବ ତା' ହୁଅ ମର୍ମମ ବ୍ୟଥା ଯେ
ଜୀବନ କି ସାଚ ସ୍ଥାନ-
ମାନ ହୋଇ ରହିଲ ?

—୮—

ଦୁର୍ଦ୍ଦମ ବିଦ୍ରୋହ ଭୃକୁ ତଳେ ଜାଗଇ,
ପ୍ରଭୁ ଲୁବ୍ଧ ପ୍ରଭୁକୋହ୍ମ ତୂଳେ ହୋଇ ଜଡ଼ିତ,
ସ୍ୱାର୍ଥ କଳୁଷ ଭରା
ମଣିଷର ସୃଷ୍ଟି
ଯୁଗେ ଯୁଗେ ଧରଣୀକି କନ୍ଦନ କି ପୀଡ଼ିତ ?
ଶତ ଅନାସ୍ଥାର କର
ନିମେଷକେ ଦୃଷ୍ଟି ।

—୯—

ଏ ବିସ୍ତୃତ ଧରଣୀର ସୀମାହୀନ ଜନତା—
ମୂକ ଅନ୍ତର ବ୍ୟଥା ବୁଝିବାର ପାଇଁ କି,
କେହୁ ନାହିଁ କେହୁ ନାହିଁ
କେହୁ ନାହିଁ ଜଣେତ !!!
ଯେଣ୍ଟା ବାଟ ଭାଟି ଯିଏ ଚାଲିଥିବ ଯାତ୍ରୀକ,
ନୀରବେ ସତ୍ରୁ କିଏ
କେଉଁ ଗୃହ କଣେ'ତ !!

Digitized by srujanika@gmail.com

ଦେଇଥାନ୍ତା

କେହିତ ଟିକିଏ ମୁହଁକୁ ଚାହିଁଲ ନାହିଁ ?
ଆସିବାର ବେଳେ ଆସିଲି ଅଶ୍ରୁ ବାନ୍ଧି ।
ପଦିଏ ବଚନ ଟିକିଏ ଚାହାଣି ଖାଲି,
ଦେଇଥାନ୍ତା ମୋ ଅନ୍ତରେ ସୁଧା ଢାଳି !

ଅଗକୁ ଚାଲିଲି, ପଛକୁ ଚାହିଁଲି ଫେରି
ସେଇ ବଣବୁଦା, ସେ ନଈ ପାହାଡ଼ ଧାଡ଼ି ।
ସେଇ ସେ ସୌଧ ସେଇ ସେ ବନ୍ଧୁଜନ
ସହାନୁଭୂତିରେ ଆର୍ଦ୍ର ନ ହେଲା କାହାରି ଟିକିଏ ମନ !

ବୁକୁ ଚିରି ମୁଁ କି ସେନେହ ନଥିଲି ଦେଇ ?
ମୋ ପାଇଁ କାହିଁ ତ ଝଲିଲାନି ଜଣେ କେହି !
ଚାହିଁଲାନି କିଏ ବୁଝିଲାନି କେହି ମତେ,
ଗମ୍ଭୀର ବଦନେ ଫେରିଲି ଆପଣା ପଥେ ।

ଝର ଝର ଝର ଲୁହ ଯାଉଥାଏ ଝରି
ବକ୍ଷ ଫଟାଇ କୋହ ଆସୁଥାଏ ଭରି !
ଜଣେ କେହି ମୋର ଗୋଟିଏ ବିନ୍ଦୁ ଲୁହ
ପୋଛି ଦେଇଥିଲେ ମଣିଥାନ୍ତି ମୁଁ ଭାଗ୍ୟବାନ କି ନୁହଁ ?

Digitized by srujanika@gmail.com

ପାଷାଣରୁ ବଳି ସତ୍ତ୍ୱେ ମହାନ ହେଲେ
ଆପଣାର ବ୍ୟଥା କହୁ ଯାଉଥିବା ବେଳେ
କାହାପାଇଁ ମୁଁ ବା କଅଣ ନଥିଲି କର ?
ଯେତେବେଳେ ମୁହିଁ ପଡ଼ିଗଲି ତଳେ
ଆତୁର ଚରଣେ ନଷ୍ଟ୍ରରେ ଦେଲ ଦଳି !

ହୃଦୟର ବ୍ୟଥା ଘନାଇ ଆସିଲା ମମ
ଶ୍ରାବଣ ସଞ୍ଜ କୃଷ୍ଣ ବାରିଦ ସମ
ନିଜ ହାତେ ନିଜେ ଲୁହ ପୋଛି ପୋଛି ଗଲି
ବୁକୁର ବେଦନା ବୁକୁତଳେ ଚାପି ଧରି ।

ଦେଇ କି ନ ଥିଲି ଅନ୍ତର ଭରି ଦାନ ?
ଖାଲି କି ନଥିଲ ତୁମେ ହିଁ ମୋହର ପ୍ରାଣ ?
ଲୋଡ଼ି କି ନଥିଲି ତୁମ ପାଖେ ଖାଲି ଥାଇ
ଦିନକାଳ ମୋର ସବୁରେ ଯାନ୍ତା ପାଇ ?

କେହି ବୁଝିଲେନ ପାଲଟିଲି ମୁହିଁ ଜଡ଼
କାହାର ଆଖିରେ ମୋପାଇଁ ନଥିଲା ଗୋଟିଏ ବିନ୍ଦୁ ଜଳ ?
କାହା ବୁକୁତଳେ ମୋ ପାଇଁ ନ ଗଲା ଟିକିଏ ଆଘାତ ଲାଗି
ସଭିଙ୍କୁ ମୁହିଁ କାତର ନୟନେ ଆସିଲି ବିଦାୟ ମାଗି!

ଯାଉଛ ତପନ ପଶ୍ଚିମ ଗିରି ତଳେ
ବୁଡ଼ି ଯାଉଥିଲା ଦୂରେ ଦୂରେ ବହୁଦୂରେ
ଗାଈଆଳ ପିଲା ଅଡ଼ାଇ ତା' ଧେନୁ ପଲ
କୁଟୀରେ ତାହାର ଫେରୁଥିଲା ଚଞ୍ଚଳ ।

Digitized by srujanika@gmail.com

ଏ ସବୁ ଭିତରେ ମୁହିଁ ଆସୁଥିଲି ଫେରି
କେତେ ବରଷର ସ୍ମୃତି ଅନ୍ତରେ ଧରି !
ଏତେ ସ୍ନେହ ଏତେ ସାଧନାର ପରିଣତି
ଏଇଭଳି ହେଲା ତାର ନିଦାରୁଣ ଗତି ?

ଯେଉଁଠି ହୃଦୟ-ସେନେହ ବାନ୍ଧିଥିଲା
ଯେଉଁଠି ପ୍ରାଣର କୋଟି ଅମୃତ କ୍ରୀଡ଼ା
ସପନ ପରିଏ ମରୁ ଚରିକଲି ତହିଁ
ପାରୁନି ପାରୁନି ଏ ମହାବେଦନା ସହି !

ସବୁ ସହି ପାରେ. ସହିବ କେସନେ କହ
ଅପରିଚିତରୁ ବଳି ପରିଚିତ ହୁଏ ଯେବେ ନିର୍ଦ୍ଦୟ !
ସବୁ ଛାଡ଼ିପାରେ, କଷ୍ଟ ଯେ ଛାଡ଼ିବାରେ
ଯାଇ ମୁଁ ଆଣିଛି ଯାହାରେ ମୋ ଲୁହ ଧାରେ !

ମଣିଷ ଯେବେ ଏ ମଣିଷର ବୁକୁ ତଳେ
ଗୋଲି ହେବାପାଇଁ କୁଣ୍ଠା ପ୍ରକାଶ କରେ,
ମଣିଷରେ ଯେତେ ମଣିଷ ଆଡ଼େଇ ଦଏ,
ମଣିଷର ବ୍ୟଥା ବୁଝିବ ଧରାରେ କିଏ ?

କେହି ତ ଟିକିଏ ମୁହିଁକୁ ଚାହିଁଲି ନାହିଁ
ଆସିବାର ବେଳେ ଆସିଲି ଅଶ୍ରୁ ବାହି
ପଦଏ ବଚନ ଟିକିଏ ସୁହାଣୀ ଖାଲି
ଦେଇଥାନ୍ତା ମୋ ଅନ୍ତରେ ସୁଧା ଢାଳି !

Digitized by srujanika@gmail.com

ନିର୍ଯ୍ୟାତିତର ଆତ୍ମବିଳାପ

ଉଗ୍ରତାର ଇତିହାସ ଶିରପରେ ବହି
ଦିନ ପରେ ଦିନ କେମନ୍ତେ ନେବି ମୁହିଁ ବାନ୍ଧି !
ଭାଙ୍ଗିପଡେ ଦେହ ମନ, ଭାଙ୍ଗିପଡେ ମୋର
ଆଶାର ଅଟ୍ଟାଳି ଯାହା ଗଢ଼ିଅଛି କାନ୍ଦି !

ଚତୁର୍ଦ୍ଦିଗେ ଚାହିଁ ଦେଖେ ଢାଳି ନେତ୍ର ବେନି
ବୁକ ମୋର ଖୁଣିଆଡ଼ କାହା ଅଭିଶାପେ
ଫେରି ଆସେ ଫେରି ଆସେ ବଦ୍ଧ ଅନ୍ତରେ
ଲୁହ ତଳେ ସବୁ ବ୍ୟଥା ଲୁଚି ଆପେ ଆପେ !

ଲାଗେ ନାହିଁ ଭଲ ମତେ ହର୍ଷିତ ଧରିତ୍ରୀ
ଯେତେ ଯାହା ସୀମାହୀନ ମୋହନ ସଂସାର
ଫୁଲ ଫୁଟେ ବାଆ ବହେ ସୂର୍ଯ୍ୟ ଆସେ ହସି
ବୁଣି ଦେଇ ସୁବର୍ଣ୍ଣର ରେଣୁ ଖୁଣ୍ଟିଅଛି ।

ବାତ୍ୟା ପରେ ବାତ୍ୟା ଖାଲି ଯାଏ ବହି ବହି
ଛିନ୍ନ ଭିନ୍ନ କରି ଯେମନ୍ତେ ମୋ ପଞ୍ଜରର ହାଡ଼
ଦେଖେ ମୁହିଁ ଜୀବନଟା ରହିଅଛି ଚାହିଁ
ଯେମନ୍ତେ କେଉଁ ଶୂନ୍ୟସ୍ଥ ପ୍ରେତର କଙ୍କାଳ !

Digitized by srujanika@gmail.com

ମଣିଷ ମୁଁ ଆସିଥିଲି ମହା ଧରଣୀରେ
ଏଇଭଳି ହନ୍ତସନ୍ତ ହେବ ବୋଲି କରେ ?
ଆସିଥିଲି ଚିରଦିନ ରହିବାକୁ ବୃଥା
ଦୋଳୁର ଅବସାଦଭରା ତପ୍ତ ଲୁହମାନେ !

ଆସିଥିଲି ଆସିଥିଲି ଆସିଥିଲି କରେ
ପଦାଘାତ ପରେ ଶତ ପଦାଘାତ ଲଭି
ପୃଥିବୀ ଅତଳ ତଳେ ଦୂରେ ଦୂରେ କାହିଁ
ଚିହ୍ନ ବର୍ଣ୍ଣ ଲୋପ୍ୟ କରି ଯିବାପାଇଁ ଦବି !

ମଣିଷ ମୁଁ ମଣିଷ ମୁଁ ଆସିଥିଲି କରେ
ଏ ମାଟିର ସୀମାହୀନ ବକ୍ଷଭରେ ଖୁନ୍ଦି
କାନ୍ଧରେ ନ ଦେଇ ହାତ ଜଡ଼ ପଙ୍ଗୁ ପରି
କେଉଁ ଆଡ଼େ ଯିବାପାଇଁ ନୀରବେ ହଜଇ !

ଆସିଥିଲି ସତେ କରେ ମହା ବିଶ୍ୱ ଭରି
ଅନନ୍ତ ପ୍ରାଣର ମଧୁ ନାଁଇଁ ଲୁଟିବାରେ
ଖାଲି ବର୍ଣ୍ଣ ରହିବାକୁ ପଲେ ପଲେ ମରି
କାଟି ହୋଇ କେଉଁ ଶୂନ୍ୟ ତୀକ୍ଷ୍ଣ ଖୁର ଧାରେ !

ଆସିଥିଲି ରୂପ ଯେନ ସ୍ୱଷା ଯେନ କରେ
ପ୍ରାଣହୀନ ପରି ଖାଲି ରହିବାର ପାଇଁ
ଆସିଥିଲି ଦେଖିବାକୁ ସୁପ୍ରସନ୍ନ ମୋର
ମୋ ସ୍ୱଳବା ପଥେ କିଏ ରଖିଛି ସଜାଇ !

Digitized by srujanika@gmail.com

ମୋ ବୀଣା ରହିଲ ଯେବେ ଚିରଦିନ ମୂକ
ନ ଫୁଟିଲ, ନ ଫୁଟିଲ ଲବେ ହେଲେ ସ୍ୱର
ମୋ ଆକାଶ ହେଲ ଯେବେ ମେଘାଚ୍ଛନ୍ନ ନଭ
ଆଲୋକ ପ୍ରବାହେ ନାହିଁ ବର୍ଷିଲ ସ୍ୱପ୍ନର୍ !

ମୋର ବାଞ୍ଛା ବଗିଚାରେ ଫୁଲଟିଏ ଯେବେ
ନଫୁଟି ରହିଲ ତାହା ମହା ମରୁ ପର
ମୋର କ୍ଷୁଦ୍ର ସରୋବରରେ ରାଜହଂସ ଯେବେ
ଦିନକ ପାଇଁକି ହେଲେ ନ ଆସିଲ ତୀର,

ମୋର ରାଜପଥ ଯେବେ ନ ହେଲ ନହେଲ
ଆନନ୍ଦର କୋଳାହଳେ ନିତ୍ୟ ମୁଖର,
ମୋ ଲତାଟି ତଳେ ଯେବେ ପଡ଼ି ପଡ଼ି ଗଲ
ତରୁ ଶିରେ ଉଠି ନାହିଁ ପାରିଲା ମୂକର !

ସମସ୍ତ ସାଧନା ମୋର ସମସ୍ତ ଆକାଙ୍କ୍ଷା
ଚୂରମାର ହେଲା ଯେବେ ଦିନ ଦିନ ଧରି
ଏତେ ସହିଁ ଏତେ କରି ଏକଇ ନିମେଷ
ପାରିଲିନ ଯେବେ ମୁହିଁ ବାରେ ସ୍ପର୍ଶ କରି—

ଜୀବନର ଯେଉଁ ବାଞ୍ଛିତ ନିଧି ଥିଲ ମୋର—
କେମନ୍ତେ କହିବି ନାହିଁ କୋଟି ଅଶ୍ରୁ ଢାଳି
ଏଇ ମାଟି ଏ ଆକାଶ ନୁହେଁ ମୋହ ପାଇଁ
ମୁଁ କେବେ ଆସିଛି ମୋର ଦେଶ କାହିଁ ଗୁଡ଼ !

Digitized by srujanika@gmail.com

ସତେ କରେ ଏଇ ମାଟି ନୁହେଁ ମୋର ଘର
ନୁହେଁ ମୋର ଆପଣାର ଏ ପଥ ପ୍ରାନ୍ତର
ସନ୍ଦେ କରେ ଜୀବନର ପଲକେ ପଲକେ
କେ ମୋତେ ଟାଣୁଅଛି ଏଥୁ ହୃଦୟୁ ଅନ୍ତର !

ନାସ୍ତିକା କ୍ରନ୍ଦନ ଭଣି ମହା ଅବଜ୍ଞାରେ
କେ ମୋରେ ରଖିଛି ଦୂରେ ଆବର୍ଜନା ପଣ
ଲୁବ୍ଧ ମୁଁ ନଶାଦ ଖାଲି କାନ୍ଦୁଚ ରଜତ
ଶର ବନ୍ଧ ବହ୍ଵଗର ଆର୍ତ୍ତିନାଦ ସର !

ହସ୍ରଇଚ ବିଶ୍ୱାସ ମୁଁ, ହସ୍ରଇଚ ଆଜ୍ଞ
ସକଳ ସାହସ ଆଶା ଭରସା ମୋହର
ନୁହେଁ ମୁହିଁ ଏ ମାଟିର ମୁଁ ଯେ ଅନ୍ୟ ଜୀବ
କକ୍ଷଚ୍ୟୁତ ହୋଇ ଏଥି ପଡ଼ିଚ ମାତର !

ମୋ ଦେହ ନୁହଇ ଦେହ, ମୋର ସୁଖ ଦୁଃଖ—
ନୁହେଁ ସୁଖ ଦୁଃଖ ଖାଲି ମହା ଅବାନ୍ତର
ମୋ ଶୋଣିତ ପ୍ରତି ବିନ୍ଦୁ ଭିତରେ ଭିତରେ—
ଯେତେକେ ନାହିଁ ଜୀବନର ରେଣୁ ମାତ୍ର ଝର !

ନୂତନ ମୁଁ ନୂତନ, ମୁଁ ଅତିହିଁ ନୂତନ,
ନାଇ ମୋ ଏଥିରେ ପ୍ରାଣ ଭଗ୍ନ ଗହ୍ୱର
କାଳ କାଳ ଧରି ମୁଁ ଯେ ସମସ୍ତ ମୂର୍ତ୍ତି
କରୁଣକ ବୁଦ୍ବୁଦ ଏଥି ଅନୁଭବ !

Digitized by srujanika@gmail.com

କଥା କହ କଥା କହ ମତେ କଥା କହ
କେ କହିବ କଥା ତତେ କିଏ ଅଛୁ ତୋର ?
ଦୂର ପ୍ରତିଧ୍ୱନି ପରି ପିଟି ହୋଇଯାଏ
କାନେ ମୋର ତାଳି କବା ଅବସାଦ ଘୋର ?

ଛୁଅଁ ମୋରେ ଛୁଅଁ ମୋରେ କେ ଛୁଇଁବ ତତେ
ମହାଶୂନ୍ୟ ଆସିଯାଏ ନିର୍ମମ ଉତ୍ତର
ବସିଯାଏ ଏକା ମାତ୍ର ମୁହିଁ ଯେସନ୍ତେ ଏବା
ଯେହ୍ନେ ରାଜପଥ ଧାର ଏକାକୀ ପଥର !

ଆସ ମୋ ପାଖକୁ ଲବେ ଶୁଣିଯାଅ ମୋର
ଜୀବନର ମର୍ମନ୍ତୁଦ ଇତିହାସ ଗୋଟି
ତୋର ପୁଣି ଇତିହାସ ? ଅଟ୍ଟହାସ କରି
କିଏ ବୁଲି ଯାଏ ନାହିଁ ପୁଚ୍ଛ କଥା ଦୋଟି !

ଟିକେ ହେଲେ ରହିଯାଅ ପାଖେ ଦେଇ ମୋର
କେ ଯାଉଛ ପଥଶ୍ରାନ୍ତ ରହ ଦଣ୍ଡେ ରହ
କେ କଥା ରହିବ ? ମୁହିଁ ଶୁଣି ପାରେ ନା କି ?
ଲାଗେ କେସନ୍ତେ ଏ ଜୀବନ ଅସହ୍ୟ ଦୁର୍ବହ ।

କାକୁତି ମିନତି କରି ବଂଚି ରହିବାଠୁ
ନରକ ଯନ୍ତ୍ରଣା କାହିଁ ଅଛି କରେ ବଡ଼ ?
ଯେହ୍ନେ ବର୍ତ୍ତି ରହିବାରେ ଯାଏରେ ଦୋହଲି
ମୁହୂର୍ତ୍ତି ମୁହୂର୍ତ୍ତି ଧଡ଼ି ଏଇ ବୁକୁ ତଳ ! !

Digitized by srujanika@gmail.com

ମଣିଷଠୁ ବଳି କଏ ଅଛିରେ ସୁନ୍ଦର ?
ନିଖିଳ ଏ ଧରଣୀର ଦଗଚନ୍ଦ ଧର
ମଣିଷଠୁ ବଳି କଏ ଅଛି ବଳୀୟାର
ପ୍ରାଣର ଏ ଧରଣୀକୁ ଋଦ୍ଧିମନ୍ତ କର ?

ମଣିଷଠୁ ବଳି କଏ ଶ୍ରେଷ୍ଠ ବିପୁଳ
ଦଣି ଦଣି ପାରବରେ ଶତ ଶୋଭା ଢାଳି
ମଣିଷଠୁ ବଳି କଏ ଅଛି ପ୍ରାଣବାନ
ବେଦନାରେ ଆନନ୍ଦର ମାୟା ଦେବ ବାଢ଼ି !

ମଣିଷକୁ ଛାଡ଼ି ଦେଲେ ସମସ୍ତ ଏ ମାଟି
ନୁହେଁ କରେ ପ୍ରାଣହୀନ ଅର୍ଥହୀନ ଖାଲି
ମଣିଷହିଁ ଚତୁର୍ଦ୍ଦିଗେ ଦେଖଇରେ ସ୍ବାର
ଶତ ଶତ ସ୍ବର୍ଣ୍ଣଶିଖା ଅଜାଣତରେ ଛାଡ଼ି !

କାହିଁ ସେ ମଣିଷ କାହିଁ ପ୍ରାଣର ମଣିଷ ?
ଲୁହସିକ୍ତ ନୟନେ ମୁଁ ରହିଅଛି ଚାହିଁ
ତା’ ଟିକକ ପରଶେ ମୁଁ ଛଠନ୍ତରେ ଖାଇ
ପାଷାଣୀ ଅହଲ୍ୟା ପରି ଜୀବନ୍ୟାସ ପାଇ !

ଯାଅନ୍ତୁନ ମର ମଣ ଛଠନ୍ତରେ ଫୁଟି
ଅଶୋକ ସ୍ତବକ ପରି ନବ ବସନ୍ତର
ଭେଟେ ନବ ଉନ୍ମାଦନା ସାହସ ଉତ୍ସାହ—
ଭିତରେ ମୁଁ ଦଣୁଆନ୍ତି ନୟତ ସ୍ବପ୍ନର !

Digitized by srujanika@gmail.com

ଦେଖା

ସେ ଚାଲିଲା, ମୁଁ ଚାଲିଲି, ପଥପ୍ରାନ୍ତେ ନିମିଷକ ଦେଖା !
ସେଇ ଶୁଷ୍କ ମଳିନ ବଦନ, ସେଇ ତା'ର ବିଦଗ୍ଧ ଅନ୍ତର
ଦେଇଛି ମୋ ମନ ତଳେ ଲେଖା !
ପଚାରିଲି କେଉଁଠି ଚାଲିଚ ! ଭଲ ଅଛ ?
ଲୁହେ ଆଖି ଛଳ ଛଳ କରି —
ଜୀବନର ଚିର ଇତିହାସ କହିଗଲା ଗୋଟିଏ ନିଶ୍ୱାସେ
ଯହିଁରୁ ବେଦନା ଖାଲି, ଅନନ୍ତ ବେଦନା !
ପଡୁଥିଲା ଝର ଝର ଝରି ! !

Digitized by srujanika@gmail.com

ସୀମାହୀନ ଅଭାବ ଓ ଅଭିଯୋଗ ଧରି
ତାର କ୍ଷୁଦ୍ର ଜୀବନଟି ହେଉଅଛି ଖାଲି ଟଳମଳ !
ଟିକିଏ ଶାନ୍ତି, ଟିକିଏ ଆନନ୍ଦଟିଏ—
ଏତା ପାଇଁ ଦେହେ ମନେ ତାର ଟଳ ଟଳ
ତା' ସାରା ଜୀବନ ଧରି ଆସୁଛି ସେ ଖୋଜି,
କିନ୍ତୁ ସବୁ ବ୍ୟର୍ଥ, ସବୁ ଆଶା ଚୂରମାର
ଯେହ୍ନେ ମରନ୍ତର !!

ଏହି ମହା ଧରଣୀର ଜଟିଳ ସଂଗ୍ରାମେ
ସେ ଯେ ପଙ୍ଗୁ, ପରାଜିତ, ସେ' ଯେ ସାଥିହରା !
ରହି ଅଛି ଚିରଦିନ ହୋଇ ଦରମରା !
ଘୋଷାରି ହୋଇ କେତେ ଦିନ ! କି ସଂପଦ ଲାଗି ?
ବାହିନେବ ତା' ଜୀବନ ତରୀ !
ଜୀବନ ! ଜୀବନ ! ଆହା ମଣିଷ ଜୀବନ !
ଟିକିଏ ନ ପାଇ ମିଠା
କେମନ୍ତେ ସେ ସୀମାହୀନ ଜଳଧିରେ ଯାଏ ମରି ମରି !!!
ସେ ବୁଲିଲା ମୁଁ ବୁଲିଲି ପଥପ୍ରାନ୍ତେ ନିମିଷକ ଦେଖା !
ମୁଁ ଦେଖିଛି ସିଏ କେଉଁ ମହା ସାଗରର—
କଜଳ କଳା ଢେଉର ଅତଳ ତଳେ ଯାଉଅଛି ବୁଡ଼ି !
ସେ ଦେଖୁଛି ଅନନ୍ତ ସଂସାର—
ତା' ଆଖିରେ ଅଶ୍ରୁସ୍ନାନ ମହାଶୂନ୍ୟ ପୁରି !!!

Digitized by srujanika@gmail.com

ରହିବି ଚାହିଁ

ତାହାର ଯେବେ କେହ ଧରଣୀ ତଳେ ନାହିଁ
ରହିବି ରହିବି ମୁଁ ତାହାରେ ନତ ଚାହିଁ !
ଆଖିରୁ ପୋଛୁ ଦେବ ହସ୍ତ ଲୁହଟିକ
କହିବ ତା'ରେ ବାଣୀ ମଧୁର ସମଧିଭ !
ଶୁଷ୍କ ଓଠେ ତାର ବୋଲିବ ହସଟିଏ
ଧରଣୀ ତଳେ ସେକ ମୋହର ନୁହେଁ କିଏ ?
ଗଭୀରୁ ଗଭୀର ତା' ବୁକୁର ବେଦନାରେ
ମର ସେ ଯାଉନ କ ଅଶ୍ରୁ ହାହାକାରେ !
ତାହାର ନାହିଁ ସଖା ତାହାର ନାହିଁ ସାଥି
ତାହାର ପାଇଁ କିଏ ଦେଉନ ଟୋପି ଗୁଡ !
ହୃତ୍ପନ୍ନ ପଲ୍ଲବ ତାହାର ବୁକୁତଳେ
କ୍ଷୀଣରୁ କ୍ଷୀଣ ହୋଇ ମରୁଛ ପଳ ପଳ !
ତାହାର ଯେବେ କେହ ଧରଣୀ ତଳେ ନାହିଁ
ରହିବି ରହିବି ମୁଁ ତାହାରେ ନତ ଚାହିଁ !

Digitized by srujanika@gmail.com

ପଡ଼ିଛ ପଥେ ଯେନ୍ତୁ ଅସୀମ ନାରଖାରେ
ଛାହାରେ ଗୁଢ଼ ମୂର୍ତ୍ତି ବୁଝାଡେ ଯାଇପାରେ ?
ତୃଷ୍ଣାଭରା ଆଖି ଢାଳି ଯେ ଅଛୁ ସ୍ୱର୍ଗ
ଚୁକଟି ଦଳତାରେ କଉଳ ଯିବ କାହିଁ ?
ସେ ଧନ ଅଞ୍ଜଳିତେ କ ଅଛୁ ନେଇଡ଼ା ଜନ୍ମ ?
ଯେଉଁଠି ସ୍ୱର୍ଗ ମଡେ କାନେ ଅସହାୟ !
ମଣିଷଟିଏ ମୁଁ ଯେ ମଣିଷ ପାଇଁ ଗଢ଼ା
ମଣିଷପାଇଁ ଦେବ ସେନେହ ବୁକୁଭରା !
ମୋହର ହସଖେଳ, ତାହାର ହସଖେଳେ
ତାହାର ଗୌରବେ ମୋ ବୁକୁ ଉଦ୍‌ବେଳେ !
ତାହାର ଯେବେ କେନ୍ଦ୍ର ଧରଣୀ ତଳେ ନାହିଁ
ରହୁକ ରହିବ ମୁଁ ତାହାରେ ଜଡ ସ୍ୱର୍ଗ ।

Digitized by srujanika@gmail.com

କେଉଁ ଅନ୍ଧାରେ ଗ୍ଲଲ୍ ବାହି ତୁମ ତରଣୀ !

ଯେଉଁଠାରେ ନାଇଁ ହୃଦ୍ ଦଆ ଦେଇ ଟିକଏ
ଇମିତ ଗ୍ରାଇକ କଏ କାହିଁ ଅଛ ଦେଖିଛ ?
କଥାକେ କଥାକେ ଖାଲି ଗ୍ଲଲ୍ ବାଜି ଖେଳଇ
ଜଣକୁ ଜଣେ ଯେ ଜଗି ଜଗି ଖାଲି ଚଳଇ :

ଜଣେ ଯେବେ ହସି ହୃଦଇଁ କଥା କହଇ
ଆନ ଜଣେ ଖାଲି ଗମ୍ଭୀର ହୋଇ ରହଇ !
ସେନେହ ସୋହାଗ ମଧୁ ଆଳାପନ ଭିତରେ
ଛୁରି ଧର ଜଣେ ଚୋଟି କାଟି ଝୁଲେ ସତରେ ।

ସତ କହିବାକୁ କା'ର ଛାତି ନାହିଁ ପଡ଼ାଏ
ମିଛ କହିବାକୁ ଜଣେ ଯେ ଜଣକୁ ବତାଏ
ମିଛରେ ଭଣ୍ଡି ଯେ ଯାରେ ପାରିଲା ମାରି ହେ
ସେ ପୁଣି ସବୁଠୁଁ ପାରିବାର ଅଟେ ଭାରି ହେ ।

Digitized by srujanika@gmail.com

ହଟ ହଟା କରି ଆନଙ୍କୁ ପାରିବା ଦବାଇ
ଅଁନର ବପଦେ ହସି ବାହାଦୁରୀ ନବାହ୍ନି —
ପୌରୁଷ ବୋଲି ଗର୍ବେ ଯେ ଗ୍ରୀବ ଟେକଇ
ସିଏ ପୁଣି ସ୍ୱାର ମଣିଷ ଦୁନିଆ ଲେଖଇ ! !

ଆଜି ଯିଏ ତୁମ ବନ୍ଧୁ ପଡ଼ଶୀ ଭାଇ ହେ
କାଲି ତ’ ଗୋଇଠା ଦେଲଣି ତାହାକୁ ଥୋଇ ହେ
ପରବଦନ ତାକୁ ପଥ ଭିକ୍ଷୁକ କଲଣି
ଜୀବନ ଧର୍ମ ଯା ବହି ରହିଚ, ମଜାକ ?

ସୀମାହୀନ କେତେ ଜୀବନର ଢେଉ ଖେଳଇ
ସ୍ୱର୍ଗ ଦେଲେ ତଳେ ଅନ୍ତର କେତେ ପୂରଇ ?
ଏ ମହାଲୀଳାରେ ଆଶ୍ଳେଷ ଦେଇ ନସ୍ୱତ
ଭୁଲିବାକୁ ତୁମ ଇଚ୍ଛା ହେଉନ କିସ୍ୱତ ?

ଅନ୍ତର ଭରି ଦୁନିଆକୁ ଭଲ ପାଇବା
ଦୁନିଆ ଓଠରେ ହସର ଜୁଆର ବାହିବା
ଏକି ନୁହେ ତୁମ ଜୀବନର ମଧୁ ସରଣୀ ?
କେଉଁ ଅନ୍ଧାରେ ଭୁଲି ବାହୁ ତୁମ ତରଣୀ ?

ଦେଉ ସେ ଯେତେ ବାଧା ଦବ !

—୧—

ଜୀବନେ ଯେତେବାର ଲୋଡ଼ିଲି ଠିଆ ହେବ
ଧରଣୀ ବାଧା ଦେଲା ମତେ
ପଡ଼ିଛି କେତେ ବାର ଛୁଡ଼ିଛି ଦେହ ସାରା
ତଥାପି ଚାଲିଛି ମୋ ପଥେ
ଅଘାତ ପ୍ରତିଘାତ ସହିଛି ବହୁବାର
ନୟନୁ ଝରିଅଛୁ ଅଶ୍ରୁ ଧାର ଧାର
ଜାଗିଛି କେତେ କୋହ ଏ ବୁକୁ ତଳେ ମମ
କେ ଜାଣି ପାରିବ ବା ସତେ ?
ଜୀବନେ ଯେତେବାର ଲୋଡ଼ିଲି ଠିଆ ହେବ
ଧରଣୀ ବାଧା ଦେଲା ମତେ !

—୨—

ସବୁରି ନୟନେ ମୁଁ ହେୟ ଅପଦାର୍ଥ
ଅତହିଁ ଦୀନହୀନ ପ୍ରାଣୀ,
ମୋରେ କେ ଦେଇ ନାହିଁ ସେନେହ ସମ୍ମାନ
କହିନ ପଦେ ମଧୁବାଣୀ
ଯହିଁ ମୁଁ ଠିଆ ହୁଏ ଧରଣୀ ତଡ଼ି ଦଏ
ସେନେହ ଗହ୍ୱରବ କାହିଁ ବା ଦେବ କଏ ?
ଅଖିର ଲୁହ ମୋର ଅଖିରେ ମରି ମାଉ
ବିତାଏ ମୋର ଦିବା ଯାମୀ
ସବୁରି ନୟନେ ମୁଁ ହେୟ ଅପଦାର୍ଥ
ଅତହିଁ ଦୀନ ହୀନ ପ୍ରାଣୀ !

Digitized by srujanika@gmail.com

—୩—

ଅଗ୍ରବ ଭିତରେ ମୁଁ ନସ୍ୱତ ଗଢ଼ କରେ
ନୁହେଁ ମୁଁ ଧନଶାଳୀ ଜନ
ସବୁର ସ୍ୱପ୍ନ ସହେ ମୁଁ ସହିପାରେ
ମଉନେ ମାରି ଦେଇ ମନ
ଯେଉଁଠି ରହିଅଛୁ ଅଗ୍ରବ ଅନାଟନ
ସେଇଠି ଧରଣୀର କାହିଁକି ନପୀଡ଼ନ ?
ଶ୍ରେଷ୍ଠରୁ ଶ୍ରେଷ୍ଠ କରି ସେଇଠି ମଣିଷକୁ—
ମଣିଷ ଦେଖେ ଅନୁକ୍ଷଣ
ଅଗ୍ରବ ଭିତରେ ମୁଁ ନସ୍ୱତ ଗଢ଼ କରେ
ନୁହେଁ ମୁଁ ଧନଶାଳୀ ଜନ;

—୪—

ଧରଣୀ ମୋ ବେଦନା ନ ବୁଝି ଲଦେ ହେଲେ
ଦେଉ ସେ ବାଧା ଯେତେ ଦବ
ଉଠି ମୁଁ ନାହିଁପାରେ, ଉଠିବା ପାଇଁ ପ୍ରାଣେ
ଜଳୁ ସେ ଆଶା ଅଭିନବ,
ଆସିବ ଦିନ, ଦିନେ ଫୁଟିବ ଫୁଲକଳି!
ଗନ୍ଧ ଯିବ ତାର ସମୀରେ ସଂଚରି,
ପଥର ଚିରକାଳ ପଥର ନାହିଁ ଥାଏ
ଦିନେ ତା' ଫୁଟେ ଗହ୍ୱର
ଧରଣୀ ମୋ ବେଦନା ନ ବୁଝି ଲଦେ ହେଲେ
ଦେଉ ସେ ଯେତେ ବାଧା ଦବ !

Digitized by srujanika@gmail.com

ଫେରିଅଛୁ

ଏ ଜୀବନ ଯେତେ ବଡ଼
ତାହାଠୁ ଯନ୍ତ୍ରଣ ବଡ଼
ଜୀବନର ସ୍ୱାତନ୍ତ୍ର୍ୟ ଟିକକ
ସେଇ ଟିକ ହଜି ଗଲେ
ସେଥିରେ ଆସିଲେ ଆଞ୍ଚ
ସାରା ଜୀବନଟା ଯେହ୍ନେଁ
ଅସହ୍ୟ ବେଦନା ଭରା ଗୋଟାଏ ନରକ !
ଚରଦନ ଯେହ୍ନେ ଖାଲି
ବଞ୍ଚି ରହିବାକୁ ସୁଁଏ
ପ୍ରାଣସ୍ପନ ସ୍ୱପ୍ନସ୍ପନ
ମହା-ମରୁ ଭ୍ରମ
ଗଢରେ ଥିଢରେ ହାସ୍ୟ
ଜାଗେନା ଜାଗେନା ଲଟେଁଢ଼
ପ୍ରାଣ ବୋଲା ମଧୁ ଉନ୍ମାଦନ !

Digitized by srujanika@gmail.com

ଫେରି ଅଛ ବନ୍ଧୁ ମୋର !
ସେ.ଟିଳ ସମ୍ପଦ ଧରି,
ପଦାଘାତ କରି ସବୁ—
ଅନାସ୍ଥର ପରେ !
ଜୀବନ' ବୀଣାରେ ତୁମେ
ଯାଉଚ ମୂର୍ଚ୍ଛନା ଢାଳି
ବୁଝିଚ ପ୍ରାଣର ମୂଲ୍ୟ
ଏ ଧରଣୀ ପରେ ।
ତୁମେ ନୁହଁ ମୁହଁ ନୁହେଁ
ନୁହେଁ କେହି
ଯାହା ପରେ କରିବ ଜୁଲମ
ସଭିଙ୍କି ଏ ମାଟି ପରେ
ସ୍ଭଳବାକୁ ହେବ ସଖା !
ପରସ୍ପରେ ଦେଇ ଦେଇ
ସେନେହ ଓ ସମ୍ମାନ ପରମ !

ଫେରିଅଛ ବନ୍ଧୁ ମୋର !
ଫେରିଅଛ
ମରଣ ଭିତରୁ ଧରି
ଜୀବନର ସ୍ପର୍ଶ କଣାଟିକ
ତୁମର ଏ ପ୍ରାଣ ଭରା—
ଅଭିମାନ
ଲଗେ ମୋରେ
ଅଧିକୁ ଅଧିକ ! !

Digitized by srujanika@gmail.com

— ଏକ —

ଗରିବ-କୁଟୀର

“ପୂଜାଛୁଟି ହୋଇଯିବ ଦଅହେବ ଆଗରୁ ଇସ୍କୁଲ ଦରମା
ନ ଦେଲେ ତ କଟିଯିବ ନାଆଁ
ନାଁ ପୁଣି ଲେଖାହେଲେ ପଡ଼ିବ ଅଧିକା ଫିସ୍
କେଞ୍ଚୁହେଲେ ଫିସ୍ଟାକୁ କରବେନ କ୍ଷମା
ସେତ ଆମ ଇସ୍କୁଲ ନିୟମ
ବାପା ! ଏତେ ଖବୃତ କଣମ୍ ?”
“ଆରେ ବାପ ଏବେ ପରା ଦେଇଥିବି
ମୋ ପାଖରେ ନାହିଁ ଆଉ ଜମା ପଇସାଏ !
ହସା ! ହସା ! ଖଣ୍ଡ୍ ହଳ ପାଦୁକାଚିହ୍ନିଥିବ ମତେ ଦିଅ
କାହାପାଖେ ଥୋଇଦେଇ
ଆଣିବ ଦୁ’ ଟଙ୍କା ହେଲେ,
ଯାଏଁ ବେଗି ଯାଏଁ”
କାନ୍ଦ କାନ୍ଦ ହୋଇ କହେ ହସା
“ନେବ ମୋର ଖଣ୍ଡ୍ ହଳ?

Digitized by srujanika@gmail.com

ତ'ଙ୍କୀ ନ ମିଳବନ ?
ଏ ଗାଆଁରେ ଏ ସାଇରେ
କେତେ ଜଣ ନାହାନ୍ତି ଆମର ?
ଘରୁ ଜଣ ସ୍ୱର୍ଗ ଆମେ ସ୍ୱଳ୍ପିବା ଏତେ
ପାରିବାନି ପୁଣି ଟଙ୍କା ଦୁଇ ?
ଆମେ ଜଣ ଏତେ ପର ?
ଗରିବ ବୋଲି କି ଆମେ
ଦେଉଅଛୁ ବିଶ୍ୱାସ ହରାଇ ?"

"ନାହିଁ ଭଉଣା ! ତୁମେ କହୁ ବୁଝ ନାହିଁ କଥା ?
ଆମର କି ଅଛି ଜମିବାଡ଼ି ?
ଆମର କି ଅଛି ଲେ ବୃକଶ୍ୱ ?
ଅଛି କଲେ ବ୍ୟବସାୟ କହୁ ?
କି ସମ୍ପଦ ଦେଖି, ବା ଆମର
ଲୋକେ ଦେବେ ଧାର ବା ଉଧାର !
ଲାଗିଲେ ଖାଇବା ଆମେ
ନଇଲେ ରହିବା ଆମେ
ଖାଡ଼ା ଉପବାସ
ଗରିବର ନାହିଁ ବନ୍ଧୁ
ନାହିଁ ପ୍ରିୟ ନାହିଁ ଆପଣାର
ଗରିବକୁ ଡାକି କଏ
ପୁଚ୍ଛେନାହିଁ ପଦେ ମଧୁସ୍ୱର !"

ଶିକୁଳା ଲଗାଇ ଘଣ୍ଟା କାଢ଼ୁଅଛୁ
ଗୋଡ଼ ଖଣ୍ଡୁ ତା'ର
ନେତ୍ର ପ୍ରାନ୍ତୁ ବହୁଅଛୁ
ଲୁହ ଧାର ଧାର

Digitized by srujanika@gmail.com

"ହେଉ ହେଉ
ଧନ ମୋର ପଢ଼ୁ ପାଠ
ଦରମାଟି ଠିକ୍ ବେଳେ ଦେଉ
ସେ ଅଫିଲେଂପାଣ୍‌କର
ଲକ୍ଷେ ଟଙ୍କା ମୋର ଅଟେ ସେଇ !!"

ଶ୍ୟାମ ବନ୍ଧୁ ବୁଲୁଚନ୍ତି ସାଇ ସାଇ ଖଡ଼ୁହୁଲେ ଧଣ
ବନ୍ଧା ରଖି ହେଲେ ଦଶ କଏ ଟଙ୍କା ଦୁଇ ;
କେ କହୁଚ "ଦ'ଟଙ୍କାର ନୁହେ ସେ ଜନଷ
ହେଲେ ଆମେ ଟଙ୍କେ ଦେଇ ପାରୁ"
କେ କହୁଚ 'ରସ ଖଡ଼ୁ ହଲେ
ବନ୍ଧା ରଖିବାକୁ—
ଭଲ ଲୁଗୁନ ଜମାରୁ !'
କଏ ସେ ଦୋକାନୀ ଜଣେ ଡାହୁଲୁଚ—
ବଦନ ହଲଇ
କହୁଚ ଈଷତ୍ ହସି
ରଖିବ ଏହାକୁ କଏ
ଦୁଇଟଙ୍କା ପାଇଁ ?
କରୁଣ ନୟନ କରି ଅଶ୍ରୁ ଛଳ ଛଳ
ଶ୍ୟାମ ବନ୍ଧୁ ଫେରୁଚନ୍ତି ଘର !
କପାଳେ ଝାଟୁଚ ଖର
ଗମ ଗମ ବୋହୁଅଛୁ ଝାଳ,
ଗୋଡ଼ ଦୁଇ ଧୂଳି ସର ସର,
ବଡ଼ କଷ୍ଟ ବଡ଼ ବାଧା !
ପିଲାଟିକୁ ଆଉ ନାହିଁ ପାରିବ ପଢ଼ାଇ
ସବୁଚନ୍ଦ୍ର ମର୍ତ୍ତଗଲେ,

Digitized by srujanika@gmail.com

ଉନଗାଡ଼ ବୁଲି ବୁଲି ମାଠରେ ଖୋଳି ଖାଇଁ
ଘରେ ଯାଇ ପହଞ୍ଚିଲେ
ପ୍ରିୟା ତାଙ୍କ ଖରତ୍ରୁଚ ଶାଗ
"ନାଇଁ ଭଷା ! ମିଳିଲାନ ଟଙ୍କା ଦୁଇ
ଅସିଲି ମୁଁ ବୁଲି ସାଇଯାକ"
"ମିଳିଲାନି ?
ହଉ ତେବେ ପାଦ ଧୁଅ
ଆଗ ଖାଇ ବସ
କରଚ ମାଣ୍ଡିଆ ଜାଉ
ବେଳତ ଗଲାଣି ନଡ଼ି
କରୁଥିବ କେତେ ସ୍ୱେଦ ଶୋଷ ! !"

"ଖାଇ ବସିବାକୁ ଭଷା ! ଇଚ୍ଛା ହୁଏ ନାଇଁ ।
ଗୋଟିଏ ବୋଲି ମୋ ପିଲା
ରହିବ ସେ ପଢ଼ା ଛାଡ଼ି ଦେଇ ?
ଦୁ' ଅକ୍ଷର ପଢ଼ିଥାନ୍ତା
ହୋଇଥାନ୍ତା ମଣିଷ ଗୋଟିଏ
କେତେ ଆଶା କରିଥିଲି
ସବୁ ହୋଇଯିବ ଚୁରମାର ?
ପିଲାଟି ପଢ଼ୁଚି ଭଲ
କହୁଥିଲେ ମାଷ୍ଟର ତାହାର !
ଏ ଦେହର ପ୍ରତି ବିନ୍ଦୁ ରକ୍ତ ଦେଇ
ଆମେ ଭଷା ! ଗଢ଼ିଚେ ଯାହାରେ
ତା' ଓଠରୁ ହସ ଯେବେ ଶୁଖିଯିବ
ମରିଯିବ ଯେବେ ତାର
ସୁନେଲି କଳ୍ପନା ସବୁ
କେମନ୍ତେ ବଞ୍ଚିବା କହ ଧନ ଏ ଜୀବନ ?

Digitized by srujanika@gmail.com

ଫୁଟିଥିବା କୁସୁମରେ
କେମନ୍ତେ କେ ବୃନ୍ତଚ୍ୟୁତ କରି
ପାଦରେ ମକଚି ଦେବା ?
ଉନ୍ନତ ଯେ କରିବାକୁ
ଗନ୍ଧବିକୀରଣ !!
ଶ୍ରେଷ୍ଠ ଝରଣାଟି ଯହିଁ
କୁଳୁ କୁଳୁ କଲତାନ କରି
ଲଙ୍ଘି କେତେ
ବାଲି ବଣ ଶିଳା
ସୃଜିତ କେ ଦବସ ଶସ୍ୟ
କେମନ୍ତେ ତା ' ଜଳ ଦାନ ମାଗିବା ଉଚିତ ?
ବକ୍ଷେ ବନ୍ଧ ମଣିଷ ରଚିତ !”

କାହିଁକି କାହିଁକି କହ
ଦରିଦ୍ର ଉପରେ
ଚିରଦିନ ଅତ୍ୟାଚାର ଅନାଚାର
ପୀଡନ ଶୋଷଣ ?
କାହିଁକି କାହିଁକି ସତେ
ସମାଜରେ ଦରିଦ୍ରର ସ୍ଥାନ ଅନ୍ନଶନ !
କାହିଁକି କାହିଁକି ସତେ
ଦରିଦ୍ରର ନେତ୍ର ପ୍ରାନ୍ତେ
ବହୁଥିବ ଉଷ୍ଣ ଅଶ୍ରୁଧାର ?
କାହିଁକି କାହିଁକି ସତେ
ପଥ ପ୍ରାନ୍ତେ ବୃଦ୍ଧ ଜଣେ
ସୀମାହୀନ ଅଭାବରେ
ହୋଇ ଆତ୍ମହରା
ଦରିଦ୍ର ଶିଶୁର ଶିର

Digitized by srujanika@gmail.com

ପ୍ରାଣବାୟୁ ସ୍ତବ୍ଧ ?
ଐଶ୍ୱର୍ଯ୍ୟର ଧନ ନାହିଁ
ମାନ ନାହିଁ
ସ୍ଥାନ କେଣା ନାହିଁ ?
ତା ଅନ୍ତର କହ କେଣା
ପିଇ ମଣ ମଣ
ତା' ଜୀବନ ରହିଥିବ କେଣା
ମଳିନ ବିଶୁଷ୍କ ହୋଇ
ମରୁଭୂମି କଣ୍ଟାଗଛ ପରି ?"

"ଏ ସକଳ ପ୍ରଶ୍ନ ଆଜି
ମୋ ବୁକୁରେ
ଜାଳୁଅଛୁ ବିଦ୍ରୋହର ନିଆଁ
ମୁଁ ତ ହୋଇ ପାରୁନି ସ୍ଥିରଥା ।
ଦାରିଦ୍ର୍ୟର କଷାଘାତେ
ଜଣେ ଯେବେ ପୃଥିବୀର କେଉଁ ପ୍ରାନ୍ତେ
ହୁଏ ଜଳବଳ,
ବୁଝିବାକୁ ହେବ ଉଷା !
ପୃଥିବୀ କରୁଚି ନଷ୍ଟେ
ନୂଆବେଶ୍ୱ, ତଜାମୃତ
ଲୁଚି ଲୁଚି ଛପି ଛପି କାନ୍ଦି !
ସ୍ୱଳ୍ପ ସ୍ୱଳ୍ପ ହିଏ
ସତ୍ୟର ସୁବର୍ଣ୍ଣ ରଥେ
ନର୍ଗିଙ୍କ ନିର୍ମଳ କର
ତା'ର ବୁକୁତଳ !!!"

Digitized by srujanika@gmail.com

"ଏଇ ମୋ ପିଲାଟି ଦେଖ
କେମନ୍ତେ ରହୁଚ ଶୁହୁଁ
ନଗ୍ନ ନୟନେ !
କାଲେ ସିଏ ଆଜଠଉଁ
ପାଶବନ ପଢ଼ି ।"
ପ୍ରିୟତମ ! ଆଉ ନାହିଁ କିଛୁ
ଅଛୁ ଏଇ ଭଙ୍ଗାଦଣ୍ଡି
ଯତ୍ନରେ ରହୁଚ ଟିକେ
ଖାଣ୍ଡି ସୁନା ଜନ୍ମଭୂମି
ନାଥ ସ୍ୱାକୁ ବଳ ଦଅ ଜର୍ଜ୍ଜରେ
ଯାଉ ଏଇ ଘର ଖଣ୍ଡ,
ବଳା ଦେଇ ବାଡ଼
ପଢୁ ପାଠ ମୋର ଧନମାଳି
ପାଠ ପଢ଼ି ଯୋଗ୍ୟ ହୋଇ
'ହସି ଖେଳ ରହିଲେ ପିଲାଟି
ସେ ଅମର କୋଟିନିଧି,
ସେ ଆମ ସୁନାର ସ୍ୱର୍ଗ,
ତାହିଁକି ଶାନ୍ତିକୁ ଆଉ
ଖାଇ ବସ ଗଢ଼ିଲାଣି ବେଳ !"

"ହଷା ! ହଷା ! ଦେଖି ଏଇ—
ପୃଥିବୀର କ୍ରୂର ଜୂଆଖେଳ
ମୋର ପ୍ରିୟ ରକ୍ତ ବନ୍ଧୁ
ଉଠୁଚ ହତପ୍ତ ହୋଇ
ଲକ୍ଷ ଲକ୍ଷ ପୁତ୍ର-କନ୍ୟା ନରନାରୀ

Digitized by srujanika@gmail.com

ଉପନ୍ନ ଯେଉଁଠି,
କେମନ୍ତେ ରହିବ
ମୂର୍ଦ୍ଧ ସ୍ଥିର ହୋଇ ତହିଁ ?..."

—ଦୁଇ—

"ସୀମାନ୍ତିକ ପୂରପଲ୍ଲୀ ଚତୁର୍ଦ୍ଦିଗେ ସ୍ପର୍ଦ୍ଧି ଦେଲେ ଉଷା !
ମୁଣ୍ଡ ମୋର ଯାଏଲେ ଘୂରାଇ
ଦୀନ ଦୁଃସ୍ଥ ଭୂରଣ୍ଡ ପଙ୍‌କ୍ତେ ଯାହାଁ ଅଛନ୍ତି ପଡ଼ି
ଦେଖେ ଜଳବଳେ ଧନ ଜନଅନ୍ତ ପୂହାଇ !
ଚଗ୍ର କନାଷ୍ଟିକେ କଏ ପାଉ ନାଇଁ ହେବାକୁ ଘୋଡ଼ାଇ.
କା' ଅନ୍ତ ଯାଇଚ ଶୁଖି ନ ଖାଇ ନ ପିଇ
ତୃଣ୍ଡରୁ କା' କଥା ପଦେ ବାହାରୁ ତ ନାଇଁ !
ପ୍ରାଣତୃଷ୍ଣା ହସଟିକେ କା' ଓଠରେ ହେଉନାହିଁ—
ଲବେ ଢଳ ଢଳ
ସ୍ତନ୍ଧଲେ କେ' ପାରୁନାଇଁ ସିଧା ଓ ସଳଖେ
ଆପାଦ ମସ୍ତକ ତା'ର ହୁଏ ଟଳ ଟଳ !
ଛୁଡ଼ୁଚ କାହାର କଫ ପେଲୁଅଛୁ ଧଇଁ
କା' ବଦନରେ ଫୁକା ଫୁକା ଛଉ
ତ୍ୟକ୍ତ ଆବର୍ଜନା ପରି
ସମାଜର ହୃତାଦର ବନ୍ଧୁ, ପଡ଼ିଚ ସେ ରହୁ !

ନବ ଯଉବନ ଛଇ ପ୍ରଢ଼ ଅଙ୍ଗେ ବନ୍ଧୁ
ଯେ କଣୋସ୍ତ, ବଧୂ ଆଜ
ଘ୍ରିପୁ ତୁଲେ ତା'ର ରତୁଆନ୍ତା କେନ

Digitized by srujanika@gmail.com

ବଳିତା ପରି ଏ ତାର ପ୍ରତି ଅଙ୍ଗ
ଯାଉଅଛୁ ଶୁଖି !
ପର୍ଯ୍ୟୁଷିତ ଫୁଲ ପରି ପଡ଼ିଚ ମେଞ୍ଚାଟି ହୋଇ
ଜର ରୋଗ, ଜାଣ ତାରେ ରହିଅଛୁ ବେଢ଼ି !"

"ଏଇ ଦେଖ ! ଉଷା !
ଏଇ ଯେ ପିଲାଟି କା'ର
ଦୋକାନକୁ ଯାଉଅଛୁ ଆଣିବାକୁ ମାଲପା ଟିକଏ
ଦ' ପାହୁଣ୍ଡ ଚାଲି ପୁଣି ଟିକଏ ବସୁଚ
ଫୁଙ୍କିଦେଲେ ଉଡ଼ିଯିବ ଯିଏ !
ଅଇଁଠା ଗଦାରେ ବସି
ବରାଡ଼ କୁକ୍କୁର ପରି
ଟିକି ଟିକି ପିଲାଛୁଆ କା'ର
ଭାତ ଟୁଙ୍କି ଖାଉଚନ୍ତି,
ଦୁଃସହ ଦୁର୍ଗନ୍ଧ ଲାଗେ
ଦେଖିବାକୁ ହତଭାଗ୍ୟ ମଣିଷ ସଂସାର !
ଗୁମ୍ଫି ଗୁମ୍ଫି ଘର ସବୁ
ପବନ ଓ ଆଲୋକର
ନାହିଁ ଗତାଗତ
ତା' ଭିତରେ ଜନ୍ତୁ ପରି
ମୋହର ମଣିଷ ଭାଇଭଉଣୀ ଶତେକି
କେତେ ନାରଖାରେ ସତେ
ନାହାନ୍ତି ସେ ରହି ।
ଈଶ୍ୱରର କଷାଘାତେ
ନିଷ୍ପେଷିତ ହୋଇ ଅବିରତ !

Digitized by srujanika@gmail.com

ମଣିଷ ଭିତରେ
କେତେ ଜଣ ଅତୁଳ ସମ୍ପଦ ଗଢୁନାଇଁ !!!
କେତେ ହେଲେ ଏ ମାଟିରେ ଜଣେ ବୁଝୁନାଇଁ !!
ଫିଙ୍ଗାଇ ଏ ଆକାଶ ଅବନୀ
ମର୍ମଭେଦୀ ଶିଖର ଚିତ୍କାର କରି
ବସୁଧର ଅନନ୍ତ ଅନ୍ଧାରେ
ସେ ଫୁଟନ୍ତ ଫୁଲକଢ଼ି ଯିବ ଝଡ଼ି ଝଡ଼ି
ତା' ଆଖିର ରଙ୍ଗ
ତା' ବୁକେ କମ୍ପନ
ଯାହା ନାହିଁ ଲଭେ ସୃଷ୍ଟି କରି !"

—ତିନି—

"ଏଠିରେ ବସି ଚନ୍ଦ୍ରାକର ହସା !
ଆମ ଗାଁ ବୁଧୁନିଆ ଯାଇଅଛୁ ମରି
ତା' ପାଇଁ କାହାର ନେତ୍ର
ଲୁହଟିଏ ଯାଇନାହିଁ ଝରି !
ତା ପାଇଁ ଅନ୍ତର କା'ରି ହୁଏ ନାହିଁ ବ୍ୟଥିତ ବିକଳ
ସେ ଯେପେକ୍ଷେ ଧରଣୀ ପରେ
କାଠ ବା ପାଷାଣ ପରି ନିର୍ଜୀବ ଅନ୍ତର !
ଜଳୁଛି ତା' ଚିତାନଳ ଶମଶାନେ ସ୍ୱର୍ଣ୍ଣଶିଖା ମେଲି
କାହା ଅନୁଭବେ ସେଥୁ ଆସେନାହିଁ ଲୁହ ହେଲେ ଫେରି !
ଦରିଦ୍ର ସେ, ଅଭାଗୀ ସେ, ଦୁର୍ଗଣ ସିଏ
ଚିରଦିନ ବେଦନାର ସାଥି
ବଞ୍ଚିଛି ସେ ଖାନଦାନ୍ ଘରେ
ଝୁଲନ୍ତ ସେ ରାଜପଥେ ଫଳଇ ତା ଭୂତ !

Digitized by srujanika@gmail.com

ପିନ୍ଧିଥାଏ କଳାକନା ଧରିଥାଏ ବାଡ଼ି ଖଣ୍ଡେ ।”
ବୁଲୁଥାଏ ଗ୍ରେଟେଇ ଗ୍ରେଟେଇ
ଭିକ ଗଣ୍ଡେ ମାଗି ଆଣି ଶମେ ତା’ ଉଦରଜ୍ୱାଳା
ଧରଣୀରେ ଆପଣାର ନାହିଁ ଭାର କେହି !”

“ତା’ର କଣ ଭଲ ଗୁଣ ନାହିଁ ଥିଲା କିଛି ?
ଥିଲା ତାର ଥିଲା !
ଚିହ୍ନୁଥିଲା ଚେରମୂଳ ଅଉଷଧ ପାଇଁ
ଆଣୁଥିଲା ଖୋଜି ଖୋଜି ବଣ ବୁଦାଶିଳା !
ମଧୁକଣ୍ଠୁ ଫେଇ ସେହି ଗାଉଥିଲା —
ବସନ୍ତ ରସର ଗୀତ
ଚଇତାଳି ରାତି ବସି ଗାଁ ମଣ୍ଡପରେ
କେତେ ଲୋକ ଏ ଗାଆଁର ଶୁଣୁଥିଲେ କାନପାରି
କି ଅମୃତ କଣ୍ଠ ସିଏ ପାଇଥିଲା ବିଧାତାଙ୍କ ବରେ !
ଦରିଦ୍ର କୁଡ଼ିଆଟିରେ ବେଳେ ବେଳେ ବସି
ଝିକ ପିଲାଙ୍କର ମନ ବିନୋଦନ ପାଇଁ
ସୁନ୍ଦର ଖେଳନା କେତେ ତିଆରି କରିଛି,
ଦି’ ପଇସା ପାଏ ତହୁଁ ।
ପିଲେ ଆଜି ସେ ଖେଳନା ପାଇବେ ତ ନାହିଁ !
ପୃଥିବୀକୁ କରିନାହିଁ କେତେ କଥା ଦାନ
ଆଜି ଯେଉଁ ଗୁଣମାନେ ଯାଉଅଛି ମରି
ଯାହା ନେତ୍ର ପ୍ରାପ୍ତ ହୋଇ !
ତାହାଙ୍କରି ଲୁହଟି ଏ ଯାହନାଙ୍କି ଝଗ !
କ୍ଷୁନଥା ଏ ଦେଶର ନୁହେଁ ମନ୍ତ୍ରୀ ନୁହେଁ ବାଚସ୍ପତି !
କ୍ଷୁନଥା ନୁହେଁ ଏ ଦେଶର ଜ୍ଞାନୀ ବା ପଣ୍ଡିତ !
ତାହାଠାରେ ନାହିଁ ଥାଇପାରେ ପ୍ରଚୁର ଶଠତା !

Digitized by srujanika@gmail.com

କୃସୁନଥା ନୁହେଁ ଏ ଦେଶର ଛୋଟ ପଦଶାର—
ଗଜ ଭର୍ମସୃଷ୍ଟ
କୃସୁନଥା ଚଢ଼ିନ ଜାବନେ
ମଟର ବା ଏରୋପ୍ଲେନ ଗାଡ଼ି
କୃସୁନଥା କୃସୁନଥା ଖାଲି
ସେଇ ଝାଟିମାଟି କୁଟୀରର ନିଧନ ସନ୍ତାନ !
କୃସୁନଥା କୃସୁନଥା ଖାଲି—
ତା' ଅନ୍ତର ଯେତେ ଟିକେ ମଧୁ
ତା' ଦାରିଦ୍ର୍ୟ ପଲ୍ଲୀଗାଁ ବକ୍ଷଭରି ଦେଇଅଛୁ ଢାଳି !
କୃସୁନଥା ଏଇ ମହାପୃଥିବୀର ଗୋଟିଏ ଦରିଦ୍ରଜାତ
ପୃଥିବୀର ଇତିହାସେ କାହିଁ ପାଇ ପାରେ ସ୍ଥାନ
କାନ୍ଦୁ ଚରଦନ ମନେ ପଡ଼ୁଥିବ ନିଜ
ଦାରିଦ୍ର୍ୟ ଭିତରେ ସଢ଼ି
କେମନ୍ତେ ସେ ଗାଉଥିଲା ମଧୁଭରା ଗାନ ।
ଚେଚମୂଳ ଅନ୍ତଷଧ ଚହ୍ନିଥିଲି
କେମନ୍ତେ ବଞ୍ଚାଉଥିଲା ଶତ ନିଃସ୍ୱ ପ୍ରାଣ !
ଟିକି ଟିକି ପିଲାଙ୍କର ଓଠେ
କେମନ୍ତେ ଫୁଟାଉଥିଲା ଅସରନ୍ତି ହାସ
ଜାହା'ଙ୍କୁ ସେ କେତେ ଭଲେ
ଖେଳନା ଯେ ଦେଉଥିଲା
ପୁନଶ ପରବ ଦିନେ ହେଲେ ନାଃ ଯାତ !"

"କୃସୁନଥା ସେଇ ଝାଟିମାଟି କୁଟୀରର
ନିଧନ ସନ୍ତାନ
କି ନଟୁର ସ୍ୱପ୍ନମାନେ
ଆଜି ପାରେ ଯାଇଅଛୁ ଭୁଲି ।

Digitized by srujanika@gmail.com

କାହାର ବଣନ କ୍ଷତ
ସୀମାହୀନ ଜନତାର ଆର୍ତ୍ତି ହା'ହାକାର
ପଦତଳେ ଦଳି
ବଡ଼ ହେବାପାଇଁ ସ୍ୱପ୍ନ ବଳାଇନ ମନ !
ସବୁରି ଲାଂଛନା ତାଡ଼ନା ସହି
ସହି ଶତ ଉପହାସ ଜାଳା
ଦୁନିଆରେ ମେଲିଥିଲା ତା ଦରିଦ୍ର ଜୀବନର ଧାରା
ପୃଥିବୀ କରିଚ ତାରେ ଖବ୍ର ଉପହାସ
କୁକୁର ବିରାଡ଼ିଠାରୁ ହୀନକରି ଦେଖିଅଛି ତାରେ
ସେ କାହାକୁ ତୁଚ୍ଛକରି ଦେଖିନାହିଁ ବାରେ !

"ଜଗତରେ ଜଗନ୍ତୁ ଜୟ !
ମଣିଷକୁ ମାପିବାକୁ ହେଲେ
ମାପିବାକୁ ହେବ ତାର ଧନଗର୍ବ ଜ୍ଞାନଗର୍ବ
ଅଭିଜାତ୍ୟ ଗର୍ବ ନେଇ ସତେ ?
ସୀମାହୀନ ଦାରିଦ୍ର୍ୟର
କାଳିଆ କୋଠରୀ ଛିଣ୍ଡା କନା ତଳେ ତଳେ
ଅମୃତର ଯେ ଜୀବନ ନିତ୍ୟ ଲୀଳାକରେ
ସେ କି ନୁହେଁ ଧରଣୀର ଜୀବନ୍ତ ଗୌରବ ?
ତା' ଭିତରୁ ଫୁଟେ ଯେଉଁ ମୋହନ ସୌରଭ—
ସେ କି ନୁହେଁ ସବଳର ଆଦରର ଧନ ?
ଆଡମ୍ବର, ଅହମିକା, ମମତାର ସିଂହାସନ ଯହିଁ
ସେଇଠି କେବଳ ଥାଏ ମଣିଷ ଜୀବନ ?"

"ଆମ ଗାଁ କୃଷ୍ଣନିଆ ଯାଉଅଛି ମରି
ତା' ପାଇଁ ଗୋଟିଏ ଅଶ୍ରୁ
କାହା ନେତ୍ରୁ ଆଉ ନାହିଁ ଝରି !"

Digitized by srujanika@gmail.com

—ଚାରି—

[illegible] ଉପବାସ ପଶିନାଇଁ ମୁଖେ ଅନ୍ନଜଳ
କେତେକ କଣ୍ଠା ଅଛି ଟାଳି, ନାହିଁ ଲଭେ ତେଜ ବୀର୍ଯ୍ୟବଳ
ଚିହ୍ନଚ କରିଅଛନା, ଶୁଳିଅଛ ପଥପ୍ରାନ୍ତେ ସବେ—
ମଣିଷର ବସ୍ତୁଦୂରେ । ଉଠୁନାହିଁ ପ୍ରଶ୍ନ ସିଏ କିଏ ?
କାହା ମୃତେ ଧରଣୀର ।
ଥିଲେ ତା'ର ଧନ ଜନ ବାପମାଆ ଭାଇ
ଦେଖି ତା' ଏମନ ଦଶା ତା'ରେ କେହି ପଚାରନ୍ତେ ନାହିଁ ?
ଏ ପୃଥିବୀ ସମସ୍ତ ମଣିଷ ତା'ର ସଙ୍ଗେ ଲୁହନ୍ତୁ କି କେହି
ରକ୍ତର ବନ୍ଧନ କଣ ଏମାନଙ୍କ ଗୁଡ଼େ ତାର ନାହିଁ ?
ରକ୍ତ ! ରକ୍ତ ! ମଣିଷର ନାଲିରକ୍ତ ତା'ର ପ୍ରତି
ଶିରା ପ୍ରଶିରାରେ
କେମନ୍ତେ ଶୀତଳ ହୋଇ କାନ୍ଦୁଅଛି ଦେଖୁନ ସେ'ବାରେ
ସ୍ପର୍ଦ୍ଧା ତା'ରେ ସ୍ପର୍ଶ ଲଭେ ତା' ରକ୍ତର ପ୍ରତି ବିନ୍ଦୁଟିକ
ଆମକୁ କହୁଛି ବାଣୀ, ଶୁଣିବେ ବଧିର ହୋଇ—
ଆମେ ସର୍ବାଧିକ !
ଯେବେ ବନ ଯାଏ ରକ୍ତର ବନ୍ଧନ ସକଳର ତୁଟେ
କରନାହିଁ ଆମେ ଅନୁଭବ
ଯେବେ ବନଯାଏ ଆମର ଯେ ଆନନ୍ଦ ସଂସାର
ଆମ ପାଇଁ ନିଷ୍ପ୍ରଭ ନୀରବ !

—ପାଞ୍ଚ—

ଏ ମଣିଷ ମଣିଷକୁ ଯେଉଁଠାରେ
ଦେଖେ କ୍ଷୁଦ୍ର କରି
ନରକର ଦୃଶ୍ୟପୀଠ ସେହିଠାରେ
ନାହିଁ ଅବତର ?

Digitized by srujanika@gmail.com

ସେଇଠାରେ ମଣିଷର ମହାଦୃଷ୍ଟି
ହୋଇନକି ହଳାହଳମୟ ?
ସେଇଠାରେ ମନୁଷ୍ୟତ୍ୱ ଆପେ ଆପେ
ପାଇନକି କ୍ଳାନ୍ତ ପରାଜୟ !
ସେଇଠାରେ ଅନ୍ଧକାର ବନ୍ଧନ କି ?
ବେଢ଼ି ଦଗଦଗନ୍ତର ଭର
ପ୍ରଭାତର ସ୍ୱର୍ଣ୍ଣ ରବ
ସେ ଭୂମିର ଉଗ୍‌ବଳସ୍ତ ତାରେ
ଯାଇନ କି ମରି ?

ଆମର ଆମର ମଧ୍ୟେ
ଆମେ ଯେବେ ପରସ୍ପର
କରୁ ପ୍ରତାରଣା
ଆମ ଆମ ମଧ୍ୟେ ଯେବେ
ଅବିଶ୍ୱାସ ସନ୍ଦେହର
ବିଷାକ୍ତ ଝରଣା—
ହୁଏ ନିତ୍ୟ ପ୍ରବାହିତ
ଆମର ଉତ୍‌ଥାନ କାହିଁ ?
କାହିଁ ସମୁଜ୍ଜ୍ୱଳ ଅଭ୍ୟୁଦୟ
ଆମେ ଯେହେତୁ ଜାଣି ଜାଣି
ଗଢ଼ୁଚେ ଆମର ଦେଶେ ଶୋଷଣ ନରୟ !

—ଛଅ—

ହସା ! ହସା ! ଏ ମଣିଷ
ଟିକିଏ ଖୁଲନ୍ତା ହେଲେ—
ସକଳର ଆନନ୍ଦର ଲୀଳାଭୂମି
ଏଇ ଆମ ମାଟି

Digitized by srujanika@gmail.com

ଏଥି ଆସ ଆମେ ସମସ୍ତେ ଚାଲିବା
ହୋଇ ହାତ ଧରା ଧରି
ହୋଇ ପରସ୍ପରର ସାଥି !

ଆମେ ସମସ୍ତେ ଏ ମାଟିରେ
ସାଧନାର ରଙ୍ଗ ଦେଇ
ଚାଲିଚେ ଚାଲିବା
ଆମେ କର୍ପା ପରସ୍ପରର
ହାଣିବା ମାରିବା ?

ଆମଠାରେ କା' ଭିତରେ
କି ସମ୍ପଦ ନାହିଁ !
ଜଣକ ସମ୍ପଦ ନୁହେ ଜଣକର
ସେ ଯେ ମହା ଅସୀମର ପାଇଁ !

ଆମର ଏ ମାଟି ପରେ
ଶ୍ରୀଷଣ୍ଡନରର ସୃଜ
ଆମେ କର୍ପା ଚାଲିଥିବା
ଦନ ଦନ ଧରି
ଆମ ଚର୍ତ୍ତ୍ୱ ବଳ କଏ
ନବୋଧ ଓ ବୋକା
ନାହିଁ ପାରେ କଳି

ଆମେ ନଜର ସାଥି
ସାଇ ପଡ଼ଶାର ସାଥି
ଅସୀମ ଏ ଦୁନଆର ସାଥି
ସବୁରଙ୍କି ପ୍ରେମ କରୁଣା ଦେହାକୁ

Digitized by srujanika@gmail.com

ଆମେ ଗଢ଼ିଚୁ
ଆମର ସ୍ୱପ୍ନ
ଏଇ ଧରଣୀ ଅଙ୍କରେ ଅନୁଭବ
ଆମେ ବୁଲିବୁ ଚିରକାଳ
ତା'ପରେ ଦେଖିବୁ ଆମେ
ଆମର ମାଟିରେ କେମନ୍ତେ
ଫୁଟୁଅଛି
ଜୀବନର ମଧୁର ସଂସାର !!

—ସାଥ—

ହାଇରେ ପିଲାଟି ମୋର !
ରହିଅଛୁ କେତେ ସ୍ୱପ୍ନମାନେ !
ଲୁହ ଭୋଖ
ଛଳ ଛଳ ହୋଇ ଆସେ
ଅନ୍ତରର ଅନନ୍ତ ପୀଡ଼ନେ !
ଭୁଲିଥିବୁ
ମୋର କେତେ
ସଖା ସାଥି
କେତେ ସ୍ୱବେ
ପଢ଼ୁଥିବେ
ସୌଭାଗ୍ୟର କୋଳେ
ଢଳ ଢଳ
ମୋହଭଲ
ନଥାନ୍ତିକ
ଜୀବନର
ମଧୁରିବ

Digitized by srujanika@gmail.com

ଯେତେ ଯତ୍ନଁ
ଥରେ ଆଶା ଜଳି !

ଲୁହ ଛଳ ଛଳ ନେତ୍ରେ
ମତେ ସେ
ସ୍ପର୍ଶ କେତେ !
ଫାଲ୍‌ଗୁନୀଙ୍କ
ଆନ୍ଧ ବନ୍ଧ କଥା !
ପୁଷ୍ପଙ୍କରେ ଫୁଟିବାକୁ
ଜାହା ଇଚ୍ଛା ନୁହେଁ ବନ୍ଧ ?
ସେଇଟିକ
ନ ଘଟିଲେ
ମରଣରୁ ବଳ ନେଇଲେ
ମାଡ଼ିଆସେ ବ୍ୟଥା ?
ଫୁଟିବାକୁ
ଝଙ୍କାଦନ୍ତା ଭରେ
ଝକଟିକ
ଦେବାପାଇଁ
ଅସୀମରେ ଢାଳ
କି ମଧୁ ଆକାଂକ୍ଷା ଜାଗେ
ସବୁର ଅନ୍ତରେ
ଏ ସୃଷ୍ଟିର ଆଦିକାଳୁ
ଅଜଣାଏଁ ଧର
ସେ ଲଚି ପିଲ୍‌ଟି ଆହା !
କେମନ୍ତେ ସ୍ପର୍ଶ ମତେ
ପ୍ରତି ଲୁବ୍ଧବନ୍ଧୁ ଭାବ

Digitized by srujanika@gmail.com

ସେହେନ୍ତୁ ଯାଏ କହୁ
ମୋତେ ତୁମେ
ଫୁଟିବାରୁ କରନା ବର୍ଜିତ !
ମୋ ଭିତରୁ ଫୁଟିବ ଯା
ସେ ସେ ମହା ଅସୀମର ପାଇଁ !

ହସ ! ହସ ! ବନ୍ଦେ କୁଟୀର ତଳେ
କେତେ ଫୁଲ ଫୁଟିଁ ଅଛି
ଫୁଟିପାରେ ନାହିଁ
ଏ ସବୁ କ ସ୍ୱଳ୍ପଥିବ
ଚିରକାଳ ପାଇଁ ?
ଘରେ କୁଟୀର ଅଛି ଗଡ଼େ କୁଟୀର !
ବନ ବନ ଧର ଝରଣରେ
ହେତୁ ତାର ଅସରନ୍ତ ମାର !!!

ହେ ମୋର ମଣିଷ !

ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟ ତର
ହେ ମୋର ମଣିଷ ! ହେ ମୋର ମଣିଷ ! ହୃଦ ନିର୍ମଳ କର !
ଅମୃତମୟ କର ତୋ ବକ୍ଷ ଅମୃତ ଦାନ ଭର
ସନ୍ତାନ ନୋହୁ ଭୁଲିଚୁ କୁଆଡେ ମହା ସଏତାନ ପନ୍ଥ !
ସରଗ ଗଢ଼ିବା ଶକ୍ତି ତୋ' ହାତେ
ନରକ ଗଢ଼ି ତୁ ଭୁଲିଚୁ କି ବାଟେ ?
ଧର୍ମିନେ ତୋହର ପଦ୍ମଳ ମଂଢ଼ତ କି ମହାଭୟଙ୍କର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟ ତର !

ସ୍ୱଚ୍ଛ ହୃଦ ତୁ ଶୁଦ୍ଧ ହୃଦ ତୁ ମଣି କାଞ୍ଚନ ପଣ !
ସିଂହପଣ ତୁ ଭୁଲ ତୋର ବାଟେ ଗହ୍ୱରବ ଦାନା ଧର,
ତୋର ତେଜେ ହସୁ ଗଗନ ପବନ ହସିଲ ଧରଣୀତଳ
ଖେଳୁ ଚନ୍ଦ୍ରଦରେ ନବ ଉଲ୍ଲାସେ ଜୀବନର କଲରୋଳ !
ତୁ ଯେ ସାରସ୍ୱାଂ ଅସାର ପସରେ
ଅପଥେ କି ଭଲ ଭୁଲିଅଛୁ ହାସ୍ୟେ !
ଶମଶାନ ପଣ ତୋ ମାଟି ଜାଗେ ଜନ କି ଆର୍ତ୍ତିସ୍ୱର !
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

Digitized by srujanika@gmail.com

ଶତ ଶତାବ୍ଦର ଉତଳ ରକ୍ତ ହତଳ କରୁଣ ଉଚ୍ଛେ ?
ବୀର ବୀର୍ଯ୍ୟର ସାଧନା ବାଜୁଛି କଣ୍ଠ ରୁଦ୍ରର ପଥେ ?
ତୋ ପାଇଁ କେ କେତେ ଗ୍ରନ୍ଥ ସବୁ ମାଆ ଦେଇଛି ଆତ୍ମବଳି
ଅନ୍ତର ତଳେ ସ୍ପନ୍ଦନ ତୋର ଜାଗୁନାହିଁ କେଉଁ ଭଳି ?
ଏ ଯେ ମାଟି ତୋର ଅତି ଆପଣାର
ତା' ଲାଗି ଝରୁଛ ତୋର ଲୁହଧାର ?
ଜନ ପାଇଁ ଜନେ ଗୁଳିରୁ ଏ ମାଟି ଦଳି ପଦତଳେ ତୋର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର !

ସତ୍ୟ ନ୍ୟାୟର ଶୁଭ୍ର କିରଣେ କପାଳେ ନ ଫିଟେ ଝଲ
ଶତ କୂଟ ଜାଲ ଷଡଯନ୍ତ୍ର ଯେ ଉଠେ ଖାଲି ପ୍ରତିଫଳ,
ଲଳନାକୁ ତୋର ଫୁଟଇ ନିସ୍ପୃହ ଭଣ୍ଡ କପଟବାଣୀ
ଶିଖିଚ କଉଳ ଜାଲପାଠ ଖାଲି ବଣିରୁ ମାରଅଣି,
ସ୍ୱାର୍ଥୀନ ସ୍ୱସ୍ୱାର୍ଥ ଏ କି ଧାରବାର ?
'ପାଲଟିଚ ବୁଦ୍ଧି କେତେ ଜାନୁସ୍ୱାର !
ଜାଗ୍ରତ ହୁଅ ଉତ୍ଥିତ ହୁଅ ଦୃଢ଼ ସଂକଳ୍ପ ଧର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

ତୋହର ମାଟିର କେତେ ମହାତ୍ମା ସାଧକ ସନ୍ତଜନ !
ବିଶ୍ୱପାଇଁ କି ଭୁକ୍ତକାଟି କଲେ ଅମୃତ ବିତରଣ
ତାହାର ଦାୟାଦ ହୋଇ ବୃକ୍ଷତଳେ ସେ ମହା ଶୋଣିତ ଧର
ଉର୍ଦ୍ଧ୍ୱେ ତୋହର ନୟନ ପଡ଼ୁଛ ନିମ୍ନେ ଯାଉଚ ଚଳି
ବିରାଟ ଭିତରୁ ଜନ୍ମ ତୋହର
ବିରାଟ ଭିତରେ ଅତି ଗଭୀର,
ବାଜିବ ତୋହର ଅନ୍ତର ବୀଣା ଭୁଲିଯାଇ ଚରାଚର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

Digitized by srujanika@gmail.com

ସ୍ଥାନାନ୍ତର

କବି, ଖଲ୍ଲିକୋଟ ହା: ଇ: ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତତ୍ରତ୍ୟ ପ୍ରଧାନ ଶିକ୍ଷକ ଗୋଟିଏ ନୋଟିସ ଜାରି କଲେ ଯେ, ଯେଉଁ ଛାତ୍ରମାନେ ସ୍କୁଲକୁ ସକାଳ ବେଳା ଆସି ଉପରବେଳା ଅନୁପସ୍ଥିତ—ଶିକ୍ଷକମାନେ ସେମାନଙ୍କର ସମ୍ପୂର୍ଣ୍ଣ ଦିନ ଅନୁପସ୍ଥିତ ବୋଲି ହାଜରରେ ଲେଖିବେ—କବି ତାହା ଅବୈଧ ବୋଲି ପ୍ରତିବାଦ କଲେ—ତା'ର ଫଳସ୍ୱରୂପ ପ୍ରଧାନ ଶିକ୍ଷକଙ୍କ ଗୁପ୍ତ ଚିଠି ବଳରେ କବିଙ୍କୁ ସତର୍କବାଣୀ ଆସିଲା ଏବଂ ପରେ ପରେ ଗୋଟିଏ ଅପ୍ରଶସ୍ତ ସ୍ଥାନକୁ ସ୍ଥାନାନ୍ତର କରାହେଲା—

ପ୍ରକାଶକ

ହେଲି ମୋର ସ୍ଥାନାନ୍ତର ଦୂରଦେଶେ ଦୂର ପଥେ
ଏ ଅଂଚଳ ଯେତେ ଯାହା ଛାଡ଼ିବାକୁ ହେବ ମତେ !
ରହିବାକୁ ହେବନାହିଁ ଗୋଟିଏ ମୁହୂର୍ତ୍ତ ହେଲେ
କହିବାକୁ ହେବନାହିଁ କଥା ପଦେ ବନ୍ଧୁ ମେଳେ !
ଭୁଲିଯିବା ପାଇଁ ହେବ ଯେଉଁନ୍ତେ ସାଙ୍ଗେ ସାଙ୍ଗେ ଆଜ
ମୂର୍ଖ ଯେଉଁନ୍ତେ ସଏତାନ, ଦୁଷ୍ଟ ବଦମାସ ପାଜି !
ଅଲେଖା ମୁଁ ସକଳର ଯେଉଁନ୍ତେ ଶ୍ରଦ୍ଧା ଏଇଥାନେ
ଯେଉଁନ୍ତେ ଜାର ଘୋର ଷଣ୍ଢ ମୁଁ ଏଥି ରହିବା ମାନେ

Digitized by srujanika@gmail.com

ସେଦିନ ଆସିଲା ମତେ ଏକ ସାବଧାନ ବାଣୀ
ଦେଖ ତା' ହୃଦର ମୂର୍ତ୍ତି କରନା ମୁଁ ତା'ର ହାନି.
ହେବ କାହିଁ ସାବଧାନ ଦଅ ମତେ ପ୍ରତ୍ୟୁତ୍ତର
ନିର୍ଦ୍ଦୋଷ ନିଷ୍ଠ ପ ମୂର୍ତ୍ତି ପାଳୁ ସତ୍ୟ ସାହସର !
ଫେରାଇ ନିଅ ଏ ତୁମ ଅନ୍ୟାୟ ଆଦେଶ ଗୋଟି
ଯା'ପ୍ରତି ଅକ୍ଷରେ ମୂର୍ତ୍ତି ପଦାଘାତ କରେ କୋଟି !
ଯା ଅନ୍ୟାୟ, ଅନାବୃତ, ଯା ଅସତ୍ୟ ଅମଙ୍ଗଳ
କରିଚ ତା' ପ୍ରତିବାଦ କରୁଥିବ ନିରନ୍ତର !
ସ୍ୱୀକାର କରିଚ ବୋଲି ଦାସତ୍ୱ କରିନ ଜାଣ
ସ୍ୱୀକାର ଦାସତ୍ୱ ମଧ୍ୟେ ଅଛି—ବହୁ ବ୍ୟବଧାନ !
ସ୍ୱୀକାର କରିଚ ବୋଲି ମୁଣ୍ଡ ବିକି ଦେଇନାହିଁ
ଯାହା ତୁମେ କହିଥିବ, ଖାଲି କରିଯିବା ପାଇଁ
ସ୍ୱୀକାର କରିବା ଅର୍ଥ ନୁହେଁ କେବେ ତୋଷାମଦ
ରହିଥିବା ଯାହା ପାଖେ ଚିରଦିନ କରଯୋଡ଼ି !
ଦେଶର, ଜାତିର ଅବା, ବ୍ୟକ୍ତିର ସ୍ୱୀକାର ଦିଏ
ଅଛି ତା'ର ସ୍ୱତନ୍ତ୍ରତା ଭଲ ମନ୍ଦ ବୁଝି ସିଏ
କରିଯିବ କାମ ତା'ର, ଯାହା ସତ୍ୟ ଶୁଭଙ୍କର
ଏତିକ ଯାହାର ନାହିଁ, ଦାସ ସିଏ ଦାସ ଖାଲି
ନିର୍ଜ୍ଜୀବରୁ ବଳି ସିଏ ଆତୁର ନିର୍ଭରତର !

ହେଲ ମୋର ସ୍ଥାନାନ୍ତର ଦୂରଦେଶେ ଦୂରପଥେ
ଚଳେ ମୋ ପରୁଆ ନାହିଁ ଯିବା ପାଇଁ ହେବ ମତେ
ଯେତେ ଯିଏ କହନ୍ତୁ, ମୋର କାହିଁକି ବ୍ୟଥିତ ହୃଦ
କାହିଁକି କାନ୍ଦୁଚ ଏତେ ନମ୍ରନ୍ତ ବଂଶଜ ଲୁହ !
ତୁମେ ମୋର ଆପଣାର ଚିରଦିନ ଆପଣାର
ତୁମ ସ୍ମୃତି ମୋ ଦଗ୍ଧ ଜୀବନର ଉପହାର !

Digitized by srujanika@gmail.com

ହିଂସ୍ର ପଶୁ ଆଜ ମୁହିଁ କହୁଚ ତାହାଙ୍କୁ କଥା
ଉମେଷେ ଏ ମାଟି ପରେ ନ ନୁଆଇଁ ମୋର ମଥା
କଉଧ୍ୱନ ପ୍ରାନ୍ତେନ ମରୁବକ୍ଷେ ରଖ ମତେ
କିମ୍ବା କେଉଁ ଅପନ୍ତ୍ରସ ମହା ଅନ୍ଧକାର ପଥେ
ରଖ ହେ ସିନ୍ଧୁ, ଯେଉଁ କେଉଁ ଦୂର ଟାପୁପରେ
ରଖ କେଉଁ ପର୍ବତର ବିକଟ ଗହ୍ୱର ତଳେ !
ଦୁର୍ଗମ ଅରଣ୍ୟ ମଧ୍ୟ ଶ୍ୱାପଦର ଲୀଳାସ୍ଥଳୀ
ତା' ଭିତରେ ରଖ ମତେ ଯେବେ ଇଚ୍ଛା ଅଛ କର
ଚତୁର୍ଦ୍ଦିଗେ ମୋର ଶକ୍ତି ବାଡ଼ ମହାବିପଦର
କେଳେଇ କୁଟେଇ ମତେ ଯାହା ଇଚ୍ଛା ତାହା କର
ସୀମାହୀନ ଅଭାବ ଓ ବିପଦ ଭିତରେ ପଡ଼ି
ସ୍ୱାଚ୍ଛନ୍ଦମାନ ହୋଇ ଯାଇପାରେ ପଚି ସଢ଼ି
ମୁଁ ଚଣ୍ଡ୍ରେ ଜନନ୍ମା ନର୍ଥା ଚରଦନ ମୋ ଭିତରେ
ମତେ କଏ ପାଶବନ, ନିଶ୍ଚଇ ଏ ଧରିତଳେ !

୦

କେତେ ବନ୍ଧୁ, କେତେ ଛାତ୍ର ବିଦାୟ ଦେଇଛନ୍ତି ମତେ
ମୋର ଏଇ ସ୍ଥାନାନ୍ତରେ ବ୍ୟଥିତ ହୋଇଛନ୍ତି ସତେ !
ସ୍ନେହି ସୁଖ ଆଳାପନେ କେତେ ଦିନ କେତେ ରାତି
ପୁହାଇ ଦେଇଚେ ଏଥି ଗ୍ରନ୍ଥରେ ମିଶାଇ ଗ୍ରନ୍ଥ !
ଭୁଲିଚେ ଏ ବଲବନ ପାହାଡ଼ ପ୍ରାନ୍ତର ପଥେ
ଦେଖିଚେ ଅନନ୍ତ ଶୋଭା, ଆମେ ଏଥି ଅବିରତେ
କଣେ କଣଭର ହୃଦ ସୁଖ ଦୁଃଖ ନ କହିଲେ
ଲାଗୁ ତ ନ ଥିଲ ବୋଧ ଏଥି କେବେହେଲେ ତଳେ ।
ଏ ସବୁର ଆକାଂଷରେ ହୋଇଯିବ ଅବସାନ
ଆଉ ଏତେ ପ୍ରିୟତର ହେବ ନାହିଁ ଏଇଠାନ ?
ଏଥକ ଭୂମକୁ କହେ ଅଜ ଏ ବିଦାୟ ବେଳେ
ମେଣ୍ଟ.ପଞ୍ଚ ଚଳିବନି ଜୀବନରେ କେବେ ହେଲେ !

Digitized by srujanika@gmail.com

ସମୁନ୍ନତ କର ମଥା ଏଥି ଝୁଲିବାକୁ ହବ
ଭୁଲିବାକୁ ହେବନାହିଁ—ଜୀବନର ଗଉରବ!
ବିଦାୟ ଦିଅ ହେ ବନ୍ଧୁ! ସ୍ନେହେ କର ନମସ୍କାର
ମୁଁ ତୁମର ତୁମେ ମୋର ଚିରଦିନ ଅପଣାର

ହେ ମୋର କୁଟୀରରାଣୀ! ଅଶ୍ରୁ କର ଛଳ ଛଳ
ପଚାରୁଛ କାହିଁ ପାଇଁ ହେଲା ମୋର ସ୍ଥାନାନ୍ତର?
ଯେ ଯାହିଁ ରହିଲେ ସୁଖେ ତୁମେହିଁ ପଡ଼ିଲ ଗାଳେ
ରହିବ କେଉଁଠି ଯାଇ ସେ କେଉଁ ଜଙ୍ଗଲମାଳେ!
ବଡ଼ ଦୁଃଖ ହେଲେ ଜଣେ ଦେଖିବାକୁ ନାହିଁ ଥିବ
ଚିଠି ଦେଲେ ଯାଇ ନେବେ ଦଶଦିନେ ପହଞ୍ଚିବ।
ପାଟଙ୍କ ଥିଲ ଘରପାଖେ ନଈ ଦେଖୁଥିଲ ମୁହିଁ
ତୁମ ଯୋଗ୍ୟ ଘର ମଣ୍ଡେ କି ଅବା ସହର ଭୂଇଁ।
ତୁମକୁ ଜାଣିଚ ମୁହିଁ, ଟିକେ ଗଲେ ଲଇଁ ସଇଁ
କନ୍ଦା ଝଟ ହେଉଥିବ ନିଷ୍ଠିନ୍ତେ ଆଆନ୍ତ ରହି।
ତୁମେ ତ ଜଲଥା ଲେଡ କେଉଁଠି ଯାବୁନ ରହି
ଯେ ଯାହିଁ ଦଅନ୍ତୁ ଡଡ଼ି ତୁମପରେ ସବ ବନ୍ଧୁ!

ହେ ମୋର କୁଟିରରାଣୀ! ବୁଝନ୍ତେମେ ବୁଝ ମଣ୍ଡେ
ଜାହାର ଭରଣ ଛଡ଼ି ଜୀବନର ଯାତ୍ରାପଥେ
ନଜର ସ ମାନ୍ୟ ଟିକେ ସୁବିଧା ହାସଲ ପାଇଁ
ଅନ୍ୟଃସ୍ବର ପାଖେ ମୁଣ୍ଡ ଭଳ ମୁଁ ପାରିବ ନାହିଁ
ନିଅଁ ହୁଲା ଭିତରେ ମୋ ଜୀବନ ହୋଇଚ ଗଢ଼ା।
ଯେଉଁଠି ଦେଖିବ ଟିକେ ଅଲୁଆ ବି ଅନ୍ଧକାର।
ପୋଡ଼ି ଜାଳି ଧ୍ୱଂସ ତାରେ କରିଯିବା ଲକ୍ଷ୍ୟ ମମ
ନଚେତ ପୃଥିବୀ ହେବ ବିରାଟ ଶ୍ମଶାନ ସମ

Digitized by srujanika@gmail.com

ଗୃଧ୍ର, ଶ୍ୱାନ, ଶୃଗାଳର ବାସସ୍ଥଳ, ଶ୍ମଶାନସ୍ଥଳ,
ଚତୁର୍ଦ୍ଦିଗ୍ ମଣ୍ଡିତ ଜୀବନ ଉନ୍ମୁକ୍ତ ଝର।
ମୃତ୍ୟୁ ସ୍ପନ୍ଦେ ଚତୁର୍ଦ୍ଦିଗେ ଜୀବନ ଆନନ୍ଦ ମାତ୍ରା
ମୃତ୍ୟୁ ସ୍ପନ୍ଦେ ଚତୁର୍ଦ୍ଦିଗେ ସ୍ନେହ ପ୍ରେମ ସଭ୍ୟଗ୍ରସ୍ତା
'ମୃ ସ୍ପନ୍ଦେ ଆଲୋକ ଖେଳ ଚତୁର୍ଦ୍ଦିଗ ଶ୍ୱେତ ଭଳ
ନାଚୁଥିବ ତା' ଭିତରେ ଏକଶ୍ୟାମ—ବସୁନ୍ଧରା
ମୋହର ଟିକକ ଚେଷ୍ଟା ମୋହର ଟିକଏ ଦାନ
ପୃଥ୍ୱୀର ଯେଉଁ କଣେ ଲେବେ ଆଣିପାରେ ପ୍ରାଣ
ମୋର ଟିକେ ଅପୂର୍ବଧା, ମୋହର ଟିକଏ ଷଠ
ତା' ଓଠେ, ଫୁଟାଇପାରେ ଯେବେ ଆନନ୍ଦର ଜ୍ୟୋତ
ମୋ ସମସ୍ତ ସାଧନାର ସେଇ ସ୍ପର୍ଶ ପରଶଠ
ଏବେ କୋଟି ହୃଦୟରେ, ତହିଁରେ କି ଦୁଃଖ ଅଛୁ ?

ଜଣେ ପ୍ରବାସୀ

କି ହୀନ ଅବସ୍ଥା ହୋଇ କାଟୁଅଛୁ କାଳ
ଖାଇବାକୁ ମିଳୁନାହିଁ ମୁଠିଏ ପଖାଳ !
ରହିବାକୁ ଠାବ ନାହିଁ ପିନ୍ଧିବାକୁ କନା
ପାଣି ଗଲେ ଘର ସ୍ଥଳେ ସକଳଠେ କଣା !
ପିଲାଟି ଯେ ବାଉଦନେ ତାକୁ ଢେର ସ୍ନେହ
ଜାଣନେ ତୋ ହେବ ଅବା କି ଐଶ୍ୱର୍ଯ୍ୟ ସ୍ନେହ ?
ସ୍ୱଜାତି କଣ୍ଟା ହୋଇ ଦଂଶୁଚ କେବଳ
ହେଉଛ ପର ଦଣ୍ଡ ବୁଦ୍ଧି ନାହିଁ ତେଜ ବଳ ।
ଜାତକ ଦେଖାଉ କାରେ ଭଲ ଦଶା ସତେଁ
ଆସିବ କି ନାହିଁ ଆଉ ତୋ ଜୀବନ ପଥେ
ଜାତକ ଦେଖାଇବାରେ କିଛୁ ଲାଭ ନାହିଁ
ଦାରିଦ୍ର୍ୟ ଭିତରେ ବୁଡ଼ି ପଡ଼ୁଅଛୁ ଲାଗି ।
ଟିକିଏ ଫୁଟୁନି ହସ ତୋ ଅଧର ତଳେ
ଟିକିଏ ଜାଗୁନି ସୁଖ ତୋହର ଅନ୍ତରେ
ଟିକିଏ ଆନନ୍ଦ ତୋରେ ଲେଶ ଦେଉନାହିଁ
ଟିକିଏ ତ ଚିନ୍ତା କିଏ କରୁନି ତୋ ପାଇଁ
ଟିକିଏ ତ ତୋ' ଲୁଟିବ ମୋହନ ସରାଗେ
ହସି ଖେଳ ଏ ଧରଣୀ ପରେ ନାହିଁ ଜାଗେ !

Digitized by srujanika@gmail.com

ହସି ହସି ବାଜୁଛନ୍ତି ତୋହ କୋଳେ ଭଲ
ଜାଣେଛି କେତେନେ ମନ ନ ଥିଏ ତୋହର ।
ଖେଳନାଟି ମନ ଦୁଃଖେ ରହୁଛ ମାତର
ଫୁଟି ଅଙ୍ଗେ ବେଦନାର ଗୁମ୍ଫା ଛଳ ଛଳ
ପ୍ରାଣ ଛୁଟୁଥିଲା ପୁଣ ତା'ର ସ୍ପର୍ଶ ଦେଲେ
ମରମ କି ବର୍ଷିବ ସେ ଅକାଳ ମେଣ୍ଟଲେ
ବନ୍ଧୁଜନ କଏ ତାହିଁ ଅପୂଆନ୍ତେ ସ୍ବନ
ସୁଖେ ଦୁଃଖେ କେତେ ମାୟା ଦେଉଥାନ୍ତେ ଢାଳି ।
ଖାଇବା ପିଇବା ସବୁ ରହୁଥାନ୍ତା ପରେ
ପୂଜା ଛୁଟୁଥାନ୍ତା ପ୍ରାଣ କି ପୁଲକ ଭରେ ।
ବଦଳି ଠାବକୁ ଭୂତ ଛୁଟି ପାରୁନାହିଁ
ମୁଣ୍ଡ ଭୂମିଯାଏ ବାଟେ ଯେବେ ସ୍ବଳ ଯାହିଁ

ରହୁଛନ୍ତି ଜନେ କେତେ ରଙ୍ଗ ଚୋଠାବାଞ୍ଜ
ହସି ଖେଳି ସ୍ବଳଚନ୍ଦ୍ର ପଥେ ଧାଡ଼ି ଧାଡ଼ି
କେତେ ଆଶା ଉନ୍ମାଦନା ହୃଦୟ ଭିତରେ
ପୁଅ'ର ଅନନ୍ତ ଧନ କି ସୋହାଗ ଭରେ
ତା' ପରେ ଗ୍ରାମୋଫୋନ ବାଜେ ରେଡ଼ିଓ ତା' ପରେ
କଏ ବସି ଗୀତ ଗାଏ ଦୋ'ତାଲ ଉପରେ
କ ହାପରେ କେତେ ସ୍ବର୍ଣ୍ଣ ଶିଶୁଚନ୍ଦ୍ର ରହୁ
ପୁଲକ ଉଦବେଳେ ରଙ୍ଗ ସଙ୍ଗେ ଏ ମଣ୍ଡି
ନାଚ କ'ଣ ଦେଖି କଏ ଯାନ୍ତ ହସି ହସି
ଅଁବ୍ରାବ ବେଦନା ଦୁଃଖ ଯାଇନ ପରଶି,
ସବୁବେଳେ ହସ ହସ କଥା ଓ ବାରତା
ଜାଣେନ ଜୀବନରେ ଅଛୁ ତାହିଁ ବ୍ୟଥା !
ଏ ସବୁ ବଲେକ ତୋର ହୃଦୟ ଭିତର
କେମନ୍ତେ ଉଠୁଛ ତାହା ସତେ ଅନ୍ତର

Digitized by srujanika@gmail.com

ହା ହୁତାଶେ ଚନ୍ଦ୍ରଦରେ ନୀରବେ ଅନାଇ
ନେତ୍ରୁ ଢେଳେ ଅଶ୍ରୁ ବାଣ ଝୁଣ୍ଟୁଥିବ ନାହିଁ ।
ସେହୁଥିରୁ ମୋ ଜୀବନ ହେଲା ଅକାରଣ
ସୁଖେ ନ ବଢିଲା ମୋର ହେଲେ ପ୍ରତିକ୍ଷଣ
ଏଇଭଳି ହା' ହୁତାଶେ ନେତ୍ରୁ ଲୁହ ଢାଳି
ମୋ ସାରା ଜୀବନ କଣ ସତେ ଯିବ ଚାଲି ?
ସତେ କଣ ଆସିବନି ମୋର ଭବିଷ୍ୟତ
ମୋ ଲାଗି ସଂସାରେ ଗଢ଼ି ସ୍ୱର୍ଣ୍ଣ ରାଜପଥ
ମୁଁ କଣା ଅବସ୍ଥା ହୋଇ ରହେ ଧରାଧାମେ
କୋଟିଏ ବଞ୍ଚିବେ କଣା ଛନ୍ତି ଅନ୍ୟମାନେ ?
ମୁହିଁ କଣା ଜଳ ପୋଡ଼ି ହୁଏ ଜଳବଳ
ମୋ ପାଇଁ ଜଗତ କଣା ନିଦାରୁଣ ତର ?
ଈଶ୍ୱର ଅଛନ୍ତି କିଏ ? ଅଛନ୍ତି ସେ କାହିଁ
ଜନ୍ମଙ୍କୁ ହସାନ୍ତି କଣା ଜନ୍ମୁ କନ୍ଦାଇ ?
ମୋ ପରି ପାଏନ ଯେବେ ଦେଖନ୍ତୁ ଝୋପିଏ
କାନ୍ଦି କାନ୍ଦି ଭୁଲିଁ ତଳେ ଯେବେ ଗଡ଼ିଯାଏ
ତା' ଦୁଃଖ ଈଶ୍ୱର କଣ ବୁଝନ୍ତି କି ଆସି ?
ପୋଛନ୍ତି କି ଲୁହ ପଦେ ମଧୁବାଣୀ ଭାଷି ?
ଏ ଜଗତ କି ସୁନ୍ଦର ସମସ୍ତଙ୍କ ପାଇଁ
ମୋ ଲାଗି ଅମୃତ ଏଥି କଣିକାଏ ନାହିଁ ।
ଘାଣ୍ଟି ହୋଇ ଦିନ ଯାଏ ଘୋର ନିର୍ଯ୍ୟାତନେ
ତଥାପି କାହିଁକି ଆଶା ଜାଗେ ପ୍ରତିକ୍ଷଣେ
—ସୋହାଗ ସମ୍ପଦ ଦିନ ଆସିବ ମୋହର
ଲୁଚିଯିବ ବାଧା ଯନ୍ତ୍ରା ଦିଏ ମୋତେ ଦଳି
କି ଦୁର୍ମଦ ଆଶା ନାଚେ ବକ୍ଷେ ମଣିଷର
ତାକୁ ଯେଉଁଠୁ ଶେଷ ନାହିଁ ଜନ୍ମ ଜନ୍ମାନ୍ତର !

Digitized by srujanika@gmail.com

ତୋ' ବନ୍ଦ୍ରେ ସଂସାରେ ମୁଁ ଜଳେ ଦୃଷ୍ଟିପ୍ରାନ୍ତ
ମରମେ ଜାଗଇ ମୋର ଗଭୀର ଆଘାତ
ଜୀବନ୍ତ ଶ୍ମଶାନ ଏ କି ଏ ଧରଣୀ ପରେ ?
ହିନ୍ଦୁଙ୍କ ରକ୍ତଟ ସତେ ଏତେ ଜଳବତେ ?
ଛିନ୍ନ ହୋଇ ରକ୍ତଟ ସେ ସବୁର ହଡ଼ାଲେ
ସିକ୍ତ ହୋଇ ଚରଦନ ହସ୍ତ ଲୁହ-ଧାରେ !
ଜୀବନ ତ ସବୁଠାରେ ସୁନ୍ଦର ସମାନ
କେତେଇ ନସୂତ ସୁଖ ଶିଖି ସନମାନ !
ସୁଦୂର ପଲ୍ଲିରେ ଆଉ, ଆଉ ବା ନଗରେ
ଆଉ ଶ୍ୟାମ ଅରଣ୍ୟାନୀ ଗଭୀର ଗହ୍ୱରେ
ଦୁସ୍ତର ମରୁରେ ଆଉ, ମହାସମୁଦ୍ରର
ଦ୍ୱୀପ ଟାପୁ ମଧ୍ୟେ ରହିଆଉ ଯୁଗାନ୍ତର !
ଦେବା ପାଇଁ ହବ ତାକୁ
ତା' ଅନ୍ତର ତଳ
ଯେତିକି ନପାଇ ନିତ୍ୟ ହୁଏ କଳବଳ ! !

ସତେ କଣ ମଣହକ ସିବୁ ଧରିତ୍ରୀରେ
ତୋହିଭଳ ଯେତେ ସିଏ ନରନ୍ନ କୁଟୀରେ
କଣଚନ୍ଦ୍ର ବସବାସଙ୍କୁ ଆପିଲ୍ କେଇ
ରହିବେନ ଧରିତ୍ରୀରେ ଏଇମାନେ କେହି ?
ସମସ୍ତେ ଭଜବେ ଏଥି ଜୀବନ୍ତ ସମାଧି ?
ଶିରେ ବନ୍ଧି ମଣ୍ଡିଷର କ୍ରୂର କାରସାଦି
କ୍ଲାନ୍ତସମ; ଏତେ ଏତେ ନିଃସ୍ୱ ପରିବାର
ସେମାନେ ଅବହେଳା ଏତେ ଏଇ ମୃତ୍ତିକାର ?
ସୌଧବାସୀ ବୁଦ୍ଧିଜୀବୀ ନୂଆଶ୍ରେଣୀ ଦଳ
କେବଳ ରହିବେ ଏଥି ଏଇମାନଙ୍କର

Digitized by srujanika@gmail.com

ହେବ ଏଇ ମାଟି କ'ଣ ଚିର ଗ୍ରସସ୍ଥଳୀ ?
ସମସ୍ତେ ମରିବେ ଏଥି ପୋକ ମାଛୁପରି ?
ତେବେ କପାଁ ଜନ୍ମ କହ ଏଇମାନଙ୍କର
ଘାସପରି ଉଠି ଯେବେ ନିମେଷ ମାତର
ରହୁ ଏଥି ଶୁଖିଯିବେ ଜନ୍ମ ଜନ୍ମ ଧରି,
ଏମାନଙ୍କ ପାଇଁ କଣ ଧରିତ୍ରୀ-ସୁନ୍ଦରୀ
ଫୁଟାଇନ ଫୁଲ ଫଳ ଶସ୍ୟ ମନୋରମ
ଛୁଟାଇନ ନଦନଦୀ ଶୈଳ ଝିଲ୍ ବନ ?
ତୁମେ ଆମେ ସମସ୍ତେ ତ ଜୀବ ଏ ମାଟିର
ଜଣେ କପାଁ ଥିବ ହୋଇ ନ-ମାର ନ-ତାର
ସୁଲତାନ ? ରହୁଥିବ ଚିରଦିନ ପଡ଼ି ?
ଏ ମାଟିର ଏକ ଅଭିଶପ୍ତ ଜୀବପରି
ସ୍ୱରିଆରେ କୋଠାବାଡ଼ି ଧନ ଜନ ଭରି
ସ୍ୱନିଆଡ଼େ ହସଖେଳ ଆନନ୍ଦ ପସରି
ସ୍ୱରିଅଡ଼େ ଶିକ୍ଷା ଦୀକ୍ଷା ଆଶା ଅଭିଳାଷ
ସ୍ୱଶିଆଡ଼େ ସ୍ନେହ ସୁଖ ମୋହନ ବିଳାସ
ଏ ସବୁ ଭିତରେ ତୁହି ଚିରଦିନ ପଡ଼ି
ଅଭାବ ଓ ଯାତନାରେ ଯିବୁ ଖାଲି ମରି ?
ତୁ କଣ ଜୀବନ ନୁହ ମହା ଧରିତ୍ରୀର ?
ଚିରଦିନ ଝୁଲିଥିବୁ ହୋଇ ନତ ଶିର ?
ପିନ୍ଧିବାକୁ କନାଟିକେ ମିଳୁଥିବ ନାହିଁ
ଉପବାସେ ରହିଥିବୁ ଦିନେ ଦିନେ ତୁହି
ସଜଳ ନୟନେ ତୋର ଦରିଦ୍ର କୁଟୀରେ
କି ଦୁର୍ଦ୍ଦଶା ଲାଗିଥିବ ଏ ଧରଣୀ ତଳେ
ତୋହର ଜୀବନ ଦିନ ?

ଏ ମହା ସଂସାର—

Digitized by srujanika@gmail.com

ଭିତରେ କେତେ ଯେ ପ୍ରାଣ ହୁଏ ଜାରଖାର
ନପାଇ ଟିକଏ କାହାର୍ କୂଳ ବା କିନାର
ସ୍ମରିଲେ ନୟନୁ ଖସିପଡ଼େ ଲୁହ ଧାର ।
ସୁଖୀ ଦୁଃଖୀ ବଡ଼ ସାନ ଧନୀ ଓ କାଙ୍ଗାଳ
ରହିତ କାହିଁକ ହୋଇ
ମଣିଷ ସଂସାର ?
ଜଣେ ବସି ପେଜ ଟୋପେ,
ପିଇବାର ବେଳେ
ଅନ୍ୟଜଣେ ଘିଅମୃତ ଭୋଜନେ
ଖାଏ ହେଲେ ?
ଜଣଙ୍କ ଅନ୍ତର ଯେଉଁ ଶାନ୍ତି ଚନ୍ଦନ,
ଅନ୍ୟକୁ କେମନ୍ତେ ନାହିଁ ଛୁଇଁତ ବନ୍ଧନ,
ଦେଖିଲେ ତୋ ନେତ୍ରପ୍ରାନ୍ତେ ଏକ ଅଶ୍ରୁଧାର
ବୁଝିଲେ ତୋ ବୁକୁତଳେ ସୀମାହୀନ ଭାର
ସ୍ପର୍ଶିଲେ ତୋ ପ୍ରାଣହୀନ ବିମଳିନ ବେଶ
ଅନୁଭବ କଲେ ତୋର ଦୁଃଖଦୈନ୍ୟ କ୍ଲେଶ
କେମନ୍ତେ ବା ବୁକୁତଳ ଉଠିବ ଉଛୁଳି ?
ଅନାହାର ଦୁଃଖ କିଏଁ ପାରିବ ବା ସହି ?

ପ୍ରାଣର ବାଣୀ

ଗୋଟିଏ କୁଟୀର ତଳେ   ବନ୍ଧା ହୋଇ ରହିବାକୁ
ଚାହେଁନ ଅନ୍ତର
ଗୋଟିଏ କୁଟୀର ମୋର   ସୁଖଦୁଃଖ ଆନନ୍ଦର
ଚିର ଗନ୍ତା ଘର !
ସବୁରେ ମୁଁ ଖୋଜିବୁଲେ   ପ୍ରାଣର ଅନନ୍ତମାୟା
ଚିର ଦିନ ଧରି
ସବୁରେ ମୁଁ ଗୋଲ ହୋଇ   ରହିବାକୁ ଚାହେଁ ଯେତେ ।
ଦିବସ ଶର୍ବରୀ

ମାଟେ ଜଳେ ହସଖେଳ   ଆନନ୍ଦର ସୀମାଶୂନ
ଶୋଭା ଦେଖିବାରେ—
ପରୀମ ଐଶ୍ୱର୍ଯ୍ୟ ମୋର   ଏ ତନ୍ତୁଁ କି ବଇଭବ
ଅଛୁ କେଉଁ ପାରେ ?
ଏ ବିରିଷ ମାଟିପରେ   ସଭିଏ ମୋ ଆପଣାର
ବନ୍ଧୁ ପ୍ରିୟତମ !
ଚୁହିଁଦେଲେ ସକଳରେ   ଅନୁଭବେ ଏମାନେ ମୋ
ଛାତିର ସ୍ପନ୍ଦନ !

Digitized by srujanika@gmail.com

ଜାଣପୁରରେ ବିଖ୍ୟାତ କବି ସାହିତ୍ୟିକଙ୍କ ଜନ୍ମ । ଏହି ବନ୍ଧୁଙ୍କ ମଧ୍ୟରୁ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଜଣେ । ଜନ୍ମସ୍ଥାନ ବାଲେଶ୍ୱରର ଗ୍ରାମପୁର ଗାଁରେ ୧୯୧୧ ଜାନୁଆରୀ ୧୪ ତାରିଖ ଠିକ୍ ପୌଷ ପୂର୍ଣ୍ଣିମା ଦିନ— ଆଠ ନଅ ବର୍ଷ ବେଳରୁ ଧାଡ଼ି ଧାଡ଼ି କରି କବିତା ଲେଖି ଲେଖି ଚାଲିଲେ ସହସ୍ର ସହସ୍ର କବିତା—! ସୁନ୍ଦରରୁ ସୁନ୍ଦରତର ହୋଇ ଉଠିଲା ତାଙ୍କ କବିତାଗୁଚ୍ଛ – ନିଦ୍ୟାଜନ ନବି ତାଙ୍କର ଅଧ୍ୟବସାୟ ଓ ସଂଗ୍ରାମ ଆତ୍ମପ୍ରତି-ଜନକ—ମ୍ୟାଟ୍ରିକ ପାଶ ପରେ କଲେଜ ଦ୍ୱାର ନ ମାଡ଼ି ମଧ୍ୟ ସେ ସ୍ୱତନ୍ତ୍ର ଭାବରେ ବି.ଏ. ଓ ଇଂରାଜୀ ଡିଗ୍ରୀ ହାସଲ କଲେ । ତାଙ୍କର କର୍ମକ୍ଷେତ୍ର ବିଦ୍ୟାଳୟ ଏବଂ କାମ କେବଳ ଶିକ୍ଷକତା—୧୯୭୧ ଏ ଯାଏଁ ଏପରି ଭାବରେ ଜୀବନ ଅତିବାହିତ କରି ଆସିଥିଲେ—ପାଠକ କବିରୂପେ ପରିଚିତ—ତାଙ୍କର କବିତାରେ ମାନବବାଦୀର ପୂଜା ଏବଂ ବୈପ୍ଲବିକ ଚିନ୍ତାଧାରା ସୁସ୍ପଷ୍ଟ । ତାଙ୍କ କବିତାର ଭାବ, ଭାଷା, ଶୈଳୀ, ଏହି ଆଧୁନିକ କବିତାରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି କହିଲେ, ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ପ୍ରକାଶିତ କବିତା ପୁସ୍ତକ ମଧ୍ୟରୁ ଆହ୍ୱାନ, ଅଗ୍ନିଶିଖା ଏବଂ ଶେଷରେ ଏଇ ମାଟିଦୀପ ଉନୋଟି କବିତା ପୁସ୍ତକ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ—ରୋମାଣ୍ଟିକ ଓ ରିଅଲିଷ୍ଟିକ୍ ଦୁଇଟି ଭାବଧାରାର ସଂଯୋଗରେ ତାଙ୍କ କବିତା ସରସ, କରୁଣ ଓ ଓଜସ୍ୱିନୀ—

ପ୍ରଚ୍ଛଦପଟ ମୁଦ୍ରଣ : ମନମୋହନ ପ୍ରେସ, କଟକ-୨
Digitized by srujanika@gmail.com